



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୪ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 October 2025
Vol.No. 36 ■ No.279 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ତେଜସ୍ୱୀ ଯାଦବ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

## ମୁକେଶ ସହନୀ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

ନୂଆଦିଲ୍ଲୀ,୨୩/୧୦ : ବିହାରରୁ ଆସିଲା ବଡ଼ ଖବର । ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେଲେ ଆରଜେଡି ନେତା ତେଜସ୍ୱୀ ଯାଦବ । ଏନେଇ ମହାମେଣ୍ଟ ତରଫରୁ ଆଜି ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । କଂଗ୍ରେସ ନେତାଙ୍କ ସହ ତମାମ ଆଲୋଚନା ପରେ ମହାମେଣ୍ଟ ତରଫରୁ ପ୍ରେସମିଟ୍ କରି ଏହି ଘୋଷଣା କରାଯାଇଛି । କଂଗ୍ରେସ ନେତା ଅଶୋକ ଗେହଲଟ ଏହି ଘୋଷଣା କରିଛନ୍ତି । ଅଶୋକ ଗେହଲଟ କହିଛନ୍ତି, ବିହାରରେ ମହାମେଣ୍ଟ ପୂରାପୂରି ଭାବେ ଏକଜୁଟ୍ ଅଛି । ଏଥିସହିତ ପୂରା ଶକ୍ତି ଲଗାଇ ନିର୍ବାଚନ ଲଢୁଛି । ମୁଖ୍ୟମନ୍ତ୍ରୀ ଚେହେରା ସମ୍ପର୍କରେ ସେ କହିଛନ୍ତି ଯେ, ସମସ୍ତଙ୍କର ରାୟ ନେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ଯେ, ତେଜସ୍ୱୀ ଯାଦବ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ହେବେ । ଅନ୍ୟପଟେ ଏହା ମଧ୍ୟ କୁହାଯାଇଛି ଯେ, ଯଦି ବିହାରରେ ମହାମେଣ୍ଟ ସରକାର ଗଠନ କରେ ତେବେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବା ସହିତ ମୁକେଶ ସହନୀ ହେବେ ଉପ-ମୁଖ୍ୟମନ୍ତ୍ରୀ । ତେବେ ଏହି ଘୋଷଣା ଏବେ ବିହାର ରାଜନୀତିକୁ ସରଗରମ କରିଛି । ଆଉ ମହାମେଣ୍ଟକୁ ଏହା ନିର୍ବାଚନରେ କେତେ ଫାଇଦା ଦେଉଛି ତାହା ଉପରେ ସମସ୍ତଙ୍କର ନଜର ରହିଛି । ଜାଣିରଖିବା ଉଚିତ ଯେ,



ବିହାରରେ ଏଥର ଏନଡିଏ ଏବଂ ମହାମେଣ୍ଟ ଭିତରେ କଡ଼ା ଟକ୍କର ଦେଖିବାକୁ ମିଳିପାରେ । ଗୋଟିଏ ପଟେ ଏନଡିଏ ନୀତିଶ କୁମାରଙ୍କ ନେତୃତ୍ୱରେ ମୈଦାନକୁ ଓହ୍ଲାଇଛି । ହେଲେ ମହାମେଣ୍ଟରେ କିନ୍ତୁ ଦୀର୍ଘ ଦିନ ହେଲା ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଅଙ୍କ ଛିଣ୍ଡିପାରୁନଥିଲା । ଖାସ୍ କରି ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ କଂଗ୍ରେସ ଅମଙ୍ଗ ଥିବା ଚର୍ଚ୍ଚା ହେଉଥିଲା । ହେଲେ ଶେଷ କିନ୍ତୁ କଂଗ୍ରେସ ସହିତ ମହାମେଣ୍ଟ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି ।

# ଖୋଲିବ ପୋଲିସ୍ ଏସଆଇ ନିଯୁକ୍ତି ମହାଦୁର୍ନୀତି ପେଡ଼ି: ଜାଲିଆତି ସିଣ୍ଡିକେଟରେ ଜଡିତ ବଡ଼ବଡ଼ିଆଙ୍କ ଛାତି ଧଡ଼ଧଡ଼

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ପୋଲିସ ଏସଆଇ ପରୀକ୍ଷା କେଳେଙ୍କାରୀରେ ମୁଖ୍ୟମନ୍ତ୍ରୀଙ୍କ ସିବିଆଇ ତଦନ୍ତ ସୁପାରିସକୁ ଚାରିଆଡୁ ସ୍ୱାଗତ । ହେଲେ ଏହାରି ଭିତରେ ହଜିଗଲାଣି ଜାଲିଆତି ସିଣ୍ଡିକେଟରେ ଜଡିତ ବଡ଼ବଡ଼ିଆଙ୍କ ନିଦ । କଣ ହେବ ସିବିଆଇ ତଦନ୍ତର ରୂପରେଖ ? କେଉଁଠୁ ହେବ ଆରମ୍ଭ , କାହା ହାତରେ ପଡିବ ହାତକଡି ? ଏ ସବୁ ନେଇ ଆରମ୍ଭ ହୋଇଯାଇଛି କଳ୍ପନାଜଳ୍ପନା । ଏହାରି ଭିତରେ ଆଶାୟୀଙ୍କ ଦାବି ତଦନ୍ତ ଯଥାଶୀଘ୍ର କରିବା ସହ ପରୀକ୍ଷା କରିବା ଆବଶ୍ୟକ। ଖୋଲିବ ମହାଦୁର୍ନୀତି ପେଡି । ବଡ଼ବଡ଼ିଆଙ୍କ ହାତରେ ପଡ଼ିବ ବେଡି । ପୋଲିସ ଏସଆଇ ପରୀକ୍ଷା ସ୍କାମରେ ସିବିଆଇ ତଦନ୍ତ ସୁପାରିଶ ପରେ ଏଥିରେ ସମ୍ପୃକ୍ତ ହାଇପ୍ରୋଫାଇଲ ଲୋକଙ୍କ ଛାତିରେ ପଶିଲାଣି ଛନକା । ଯେଉଁମାନଙ୍କ ପାଖରେ କ୍ରାଇମବ୍ରାଞ୍ଚ ପହଞ୍ଚି ପାରି ନଥିଲା ସେମାନେ ସିବିଆଇ ଜାଲରେ ପଡିବା ନିଶ୍ଚିତ । ଏହି କେଳେଙ୍କାରୀରେ ଅନ୍ତଃ ରାଜ୍ୟ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବା ସନ୍ଦେହ ପରେ ମୁଖ୍ୟମନ୍ତ୍ରୀ ଏହାର ଯାଞ୍ଚ ସିବିଆଇକୁ ଦେବାକୁ ସୁପାରିସ କରିଥିଲେ । ଆଉ ଏହାକୁ ଚାରିଆଡୁ ସ୍ୱାଗତ କରାଯାଇଛି । ସିବିଆଇ ବ୍ୟାପକ ଯାଞ୍ଚ କରି ଏହାର ଚେର ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆଶା କରାଯାଉଛି । ସିବିଆଇର ତଦନ୍ତ ଧାରା ଅନୁସାରେ ପ୍ରଥମେ ପରୀକ୍ଷା କରୁଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ-ଡଟଜଇ ଠାରୁ ହିଁ ଆରମ୍ଭ ହୋଇପାରେ ଖୋଳତାଡ଼ । ପୁରା ଘଟଣାରେ ଡଟଜଇର ଭୂମିକା କଣ ? କାହାକୁ ଦିଆଯାଇଥିଲା ପରୀକ୍ଷା ପରିଚାଳନା ଦାୟିତ୍ୱ ? କେମିତି ହୋଇଥିଲା ଟେଣ୍ଡର ? ଆଇଟିଆଇ ଲିମିଟେଡ ଠାରୁ ସିଲିକନ ଟେକ ଓ ପଞ୍ଚସଫ୍ଟ ସହ କେଉଁ କେଉଁ ସରକାରୀ ବାବୁ, ରାଜନେତାଙ୍କ ସଂପୃକ୍ତି ରହିଛି ? କିଏ କେତେ ଭାଗ ନେଇଛି ? କେମିତି ଚାକିରୀ ବିକ୍ରି ପାଇଁ ଯୋଜନା ହୋଇଛି ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରିବ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ । ସେପଟେ କେବଳ ଏହା ନୁହଁ ପୂର୍ବରୁ ମଧ୍ୟ ବିଭିନ୍ନ ସରକାରୀ ପରୀକ୍ଷା ସହ ଜଡିତ ଘୋଟାଲା ବି ସାମ୍ନାକୁ ଆସିବ ବୋଲି ମତ ଦେଇଛନ୍ତି ପୂର୍ବତନ ପୋଲିସ ଡିଜି ।

▶▶ପୃଷ୍ଠା ୭

# ଶିଳ୍ପ ନାଁରେ ସରକାରୀ ଜମି ବେପାର ଘୋଟାଲା





ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଇଡ଼କୋ ଜରିଆରେ ହେଉଛି ଜମି ଦୁର୍ନୀତି । ଶିଳ୍ପ ନାଁରେ ଜମି କେଳେଙ୍କାରୀରେ ମାତିଛନ୍ତି ଜାଲ୍ ଶିଳ୍ପପତି। ଇଡକୋକୁ ହାତକରି ଶିଳ୍ପ ପାଇଁ ଉଦ୍ଦିଷ୍ଟ ଜମିରେ କିଛି ନକରି ଦଶନ୍ଧି ପରେ ଜମିର ଦର ବଢ଼ିଲେ ବିକି ଦିଆଯାଉଛି। ଆରଟିଆଇ ତଥ୍ୟକୁ ଅସ୍ତ୍ର କରି ପଟିଆର ଚନ୍ଦକା ଶିଳ୍ପାଞ୍ଚଳରେ ସାମ୍ନାକୁ ଆସିଥିବା ଏଭଳି ଜମି ଦୁର୍ନୀତିର ଉଜାଗର କରିଛି ଓଟିଭି। ଭଦ୍ରକ ଚରମ୍ପାର ରାଜକିଶୋର ଅଗ୍ରୱାଲ ନାମକ ଜଣେ ବ୍ୟକ୍ତି ଶିଳ୍ପ ପାଇଁ ନେଇଥିବା ଜମି ୧୪ ବର୍ଷ ପକେଇ ରଖିବା ପରେ ଏବେ କିଟ୍ ଓ କିସ୍ ସହ ସଂପୃକ୍ତ ଏକ ସଂସ୍ଥାକୁ ଟ୍ରାନ୍ସଫର କରିବାକୁ ଅନୁମତି ମାଗିଛନ୍ତି। ବଡ଼ କଥା ହେଉଛି ଇଡ଼କୋ ଏହି ଜମି ଲିଜ୍ ବାତିଲ ନକରି ସଂସ୍ଥାକୁ ନିର୍ମାଣ ଅନୁମତି ଦେଇଛନ୍ତି।

▶▶ପୃଷ୍ଠା ୭

# ଓଡ଼ିଶାରେ ୧ ଲକ୍ଷ କୋଟି ନିବେଶ କରିବ ବେଦାନ୍ତ : ଢେଙ୍କାନାଳରେ କରିବ ୩୦ ଲକ୍ଷ ଟନର ଆଲୁମିନିୟମ ପ୍ଲାଣ୍ଟ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ। ଭିତ୍ତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନିର ପୁଞ୍ଜି ବିନିଯୋଗ ଜରିଆରେ ଓଡ଼ିଶା ସରକାର ଏହି ଲକ୍ଷ୍ୟ ହାସଲ କରିବେ। ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ୍ ହବ୍ ହେବାପାଇଁ ଓଡିଶା ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ। ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଭବିଷ୍ୟତ ବିକଶିତ ଯୋଜନା ନେଇ କହିଛନ୍ତି । ଏହି ଆଲୋଚନାରୁ ଜଣାଯାଇଛି ଯେ, ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ରାଜ୍ୟ ସରକାର ମଧ୍ୟ ଏହି ନିବେଶକୁ ପ୍ରୋତ୍ସାହନ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ଏବଂ ଏଥିପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି। ଏହା ସହିତ ବିଶ୍ୱର ମେଟାଲ ଭାଲ୍ୟୁ-ଚେନ୍‌ରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ



ଏକ ଅତ୍ୟାଧୁନିକ ଫେରୋ-ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ବୈଠକରୁ ଜଣାଯାଇଛି। ଏଥିରେ ବେଦାନ୍ତ ପକ୍ଷରୁ ୨ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଆଲୋଚନାରୁ ଜଣାଯାଇଛି ଯେ, ବେଦାନ୍ତ ପକ୍ଷରୁ ଓଡିଶାରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡ଼ାରେ ଥିବା ଏହାର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏହା ସହିତ ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ, ସେଠାରେ ମଧ୍ୟ ଆଉଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏହି ଦୁଇଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ ହେବ। ଏହି ଆଲୁମିନିଅମ୍ ଆଲୟ ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍‌ସ ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର ହୋଇପାରିବ।

▶▶ପୃଷ୍ଠା ୭

# ପୀତବାସ ପଣ୍ଡା ହତ୍ୟା ମାମଲା : ଆଉ ଜଣେ ଅଭିଯୁକ୍ତର ଆତ୍ମସମର୍ପଣ



ବ୍ରହ୍ମପୁର, ୨୩/୧୦ (ନି.ପ୍ର): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଉ ଜଣେ ଅଭିଯୁକ୍ତର ଆତ୍ମସମର୍ପଣ । ମାଷ୍ଟରମାଇଣ୍ଡ ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ମୁଖ୍ୟ ସହଯୋଗୀ ଥାନାରେ ଆତ୍ମସମର୍ପଣ କରିଛି । ବୈଦ୍ୟନାଥପୁର ଥାନାରେ ସରେଣ୍ଡର କରିଛି ବିକ୍ରମ ପଣ୍ଡାଙ୍କ ସହଯୋଗୀ ସୁଦର୍ଶନ ଜେନା । ଏହି ହତ୍ୟା ଘଟଣାରେ ଗତକାଲି ବିକ୍ରମ ପଣ୍ଡାଙ୍କୁ ପୁଲିସ୍ ଗିରଫ କରିଥିଲା । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କରିସାରିଛି ପୁଲିସ୍ । ସୂଚନା ଅନୁଯାୟୀ ବିକ୍ରମ ପଣ୍ଡାଙ୍କୁ ଗଜପତି ନଗରସ୍ଥିତ ବାସଭବନରୁ ଉଠାଇ ଆଣି ଜେରା କରିବା ସହ ସାର୍ପସୁଟର ଚିଣ୍ଟୁକୁ ପୁଲିସ ବେଙ୍ଗାଲୁରୁରୁ ଟେକି ଆଣି ପଚାର ଉଚାର କରିଥିଲେ ପୁଲିସ୍ । ଚିଣ୍ଟୁ ନିକଟରୁ ଏକ ବନ୍ଧୁକ ଜବତ ହୋଇଥିବା ସହ ସେପଟେ ପୁରୀରୁ ଆଉ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଉଠାଇ ନେବା ସହ ସମୁଦ୍ର ବାଲିରେ ସେ ଲୁଚାଇଥିବା ଆଉ ଏକ ବନ୍ଧୁକ ବି ଜବତ ହୋଇଥିଲା । ଜଣେ କର୍ପୋରେଟର ଓ ଛାତ୍ରନେତାଙ୍କୁ ମିଶାଇ ମୋଟ ୧୫ ଜଣଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ସେପଟେ ବିକ୍ରମ ପଣ୍ଡାଙ୍କୁ ଉଠାଇ ନେବା ପରେ ତାଙ୍କ ଘର ବାହାରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା। ବିକ୍ରମ ପଣ୍ଡାଙ୍କ ସମର୍ଥକଙ୍କ ସମେତ ଅନେକ ଆଇନଜୀବୀ ସେଠାରେ ଏକତ୍ରିତ ହୋଇଥିଲେ। ଗଞ୍ଜାମ ବିଜେଡି ପକ୍ଷରୁ ବିକ୍ଷୋଭ ମଧ୍ୟ କରାଯାଉଛି । କିନ୍ତୁ ଏହାରି ଭିତରେ ବିକ୍ରମଙ୍କୁ ଗିରଫ କରିଥିଲା ପୁଲିସ । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ କବଜାରେ ମୁଖ୍ୟ ସାର୍ପସୁଟର ଚିଣ୍ଟୁ । ପୁଲିସ ତାକୁ ଅଟକ ରଖିଥିବା ସୂଚନା ରହିଛି । ମୁଖ୍ୟ ସାର୍ପସୁଟର ଚିଣ୍ଟୁକୁ ବେଙ୍ଗାଲୁରୁରୁ ଉଠାଇ ଆଣିଲା ପୁଲିସ। ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ବି ଜବତ ହୋଇଛି ।

# ବାପା-ମାଆଙ୍କୁ ଅବହେଳା କଲେ କଟିବ ଦରମା: ଜବ୍ କାର୍ଡ ବାଣ୍ଟି ଚେତାଇଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୩/୧୦ : ସେପ୍ଟେମ୍ବର ୧୮ ତାରିଖରେ ତେଲେଙ୍ଗାନାରେ ହଜାର ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତ ପତ୍ର ବାଣ୍ଟିଥିଲେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଓ୍ୱନ୍ତ ରେଡ୍ଡି । ଏହି ଅବସରରେ ନୂଆ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ସତର୍କ ବି କରାଇଥିଲେ । ଆଉ ଏପରି କିଛି କହିଥିଲେ ଯାହା ଏବେ ଜାତୀୟ ସ୍ତରୀରେ ଚର୍ଚ୍ଚାର ବିଷୟ



ହୋଇଛି । ରେଓ୍ୱନ୍ତ ରେଡ୍ଡୀ କହିଥିଲେ, 'ଯଦି କେହି ସରକାରୀ କର୍ମଚାରୀ ନିଜ ବାପା, ମାଆଙ୍କୁ ଅବହେଳା କରେ, ସେମାନଙ୍କ ଉପଯୁକ୍ତ ଯତ୍ନ ନ ନିଏ ତେବେ ସେମାନଙ୍କ ମାସିକ ଦରମାରୁ ୧୦ରୁ ୧୫ ପ୍ରତିଶତ ଦରମା କଟିଯିବ ଏବଂ ଏହାକୁ ବାପା, ମାଆଙ୍କ ଆକାଉଣ୍ଟରେ ଜମା କରିଦିଆଯିବ ।

▶▶ପୃଷ୍ଠା ୭

# ଅଗ୍ନିକାଣ୍ଡ ପରେ ଚେତିଲା ବିଏମ୍‌ସି: ହାଟ ପାଇଁ ଆସିବ ଏସ୍‌ଓପି

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଭୁବନେଶ୍ୱର ୧ ନମ୍ବର ହାଟରେ ବିବାଦ ସାମ୍ନାକୁ ଆସିବା ପରେ ବିଏମ୍‌ସିର ପଦକ୍ଷେପ । ରାଜଧାନୀର ବିଭିନ୍ନ ହାଟ ପାଇଁ ଏସ୍‌ଓପି ଆଣିବ ବିଏମ୍‌ସି । ୨୦ଟି ବଡ଼ ହାଟ ପାଇଁ ଏସଓପି ଲାଗୁ ହେବ। ହାଟ କମିଟି ପାଇଁ ହେବ ବିଧିବଦ୍ଧ ନିର୍ବାଚନ । ବିଏମ୍‌ସି ଅଧିକାରୀଙ୍କ ଉପସ୍ଥିତିରେ ହେବ ହାଟ କମିଟି ନିର୍ବାଚନ । ସବୁ ହାଟ ଦୋକାନୀଙ୍କ ପାଇଁ ଗ୍ରୁପ୍ ବୀମା କରିବ ବିଏମ୍‌ସି , ହାଟରେ ଏନଫୋର୍ସମେଣ୍ଟକୁ କଡାକଡ଼ି କରାଯିବ । ହାଟ ଭିତରେ ଜରିପାଲ ଟାଣି ପାରିବେନି ବ୍ୟବସାୟୀ । ରାସ୍ତା ଉପରକୁ ମାଡ଼ି ବ୍ୟବସାୟ କରିପାରିବେନି । ଏକ ନମ୍ବର ମାର୍କେଟକୁ ମଡର୍ଣ୍ଣ ମାର୍କେଟ କରିବାକୁ ୧୮୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା । ପାତ୍ରପଡା ଭଗବାନପୁରରେ ହୋଲସେଲ ମାର୍କେଟ ପାଇଁ ଟଙ୍କାର ଅଭାବ ରହିଛି । ଏ ସବୁ ପାଇଁ ସରକାର ଅର୍ଥ ଯୋଗେଇ ଦେଲେ କାମ ଆଗକୁ ବଢିବ ।

# ଝାଡୁଦାର ଚାକିରି ପାଇଁ ୨ କୋଟି ଠକେଇ: ୨ ଗିରଫ

ସମ୍ବଲପୁର, ୨୩/୧୦ (ନି.ପ୍ର): ପୋଲିସ ଏଏସଆଇ ଚାକିରି ମହାଘୋଟାଲାକୁ ନେଇ ରାଜ୍ୟରେ ତମ୍ବିତଫାନ ଥମି ନଥିବା ବେଳେ ପୁଣି ଗୋଟିଏ ଜବ୍ ଫ୍ରଡକୁ ନେଇ ଚାଞ୍ଚଲ୍ୟ। ସମ୍ବଲପୁରରେ ଝାଡୁଦାର ଚାକିରି ନାଁରେ କୋଟି କୋଟି ଟଙ୍କା ଆତ୍ମସାତ ଅଭିଯୋଗରେ ୨ ଜଣ ଗିରଫ ପରେ ଠକେଇ କାରସାଦିର ଗୁମର ଫିଟିଛି ।ଚାକିରି ବିକ୍ରି କରିଥିବା ମହା ଠକ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ ସହ ୬୨ ଲକ୍ଷ ଟଙ୍କା ଜବତ କରିଛି ପୋଲିସ। ମିଛ ସୁଇପର ଚାକିରି ଠକେଇ ଚେର ବରଗଡ, ବୌଦ୍ଧ ଓ ସୋନପୁର ଜିଲ୍ଲାକୁ ବି ଲମ୍ବିଛି। ରିମାଣ୍ଡରେ ଦୁଇ ଅଭିଯୁକ୍ତଙ୍କ ମୁହଁରୁ ଗୋଟି ଗୋଟି ସତ ବାହାର କରିବାକୁ ଲକ୍ଷ୍ୟ ରଖିଛି



ସମ୍ବଲପୁର ପୋଲିସ। ଚାକିରି ନାଁରେ ପୁଣି ବଡ଼ ଧରଣର ଠକେଇ। ରୋଜଗାର ଦେବାକୁ କହି ଟଙ୍କା ଆତ୍ମସାତ। ଝାଡୁଦାର ଚାକିରି ନାଁରେ ମହା କାରସାଦି। ଦାନା ଦେବା ଲୋଭ ଦେଖାଇ ଗରିବ ଖଟିଖିଆଙ୍କ ପେଟକୁ ଲାତ ମାରିବାକୁ ବଡ଼ ଚଞ୍ଚକତା। ସଂସ୍ଥା ମିଛ, କାମ ଦେଇଥିବା ଲୋକ ବି ଜାଲିଆ। ନା ଥିଲା ଖାତା ଖତିଆନ୍ ନା ପରିଚୟ। କେବଳ ଲୋକଙ୍କୁ ଭୂଆଁ ବୁଲାଉଥିଲେ, ବିଶ୍ୱାସ ଜନ୍ମାଇ ଲୁଟିଥିଲେ ଲକ୍ଷ ଲକ୍ଷ ଟଙ୍କା। ଧରାପଡ଼ିଲା ମହା ମିଛ, ବନ୍ଧା ହେଲେ ଅଭିଯୁକ୍ତ। ସୁଟକେସରେ ଥାକ ମାରି ଓ ପୋଲିସ ଟେବୁଲରେ ଥିବା ପାଞ୍ଚ ଶହ, ଦୁଇ ଶହ ଓ ଶହେ ଟଙ୍କିଆ ନୋଟ୍ ବିଡ଼ା କୌଣସି ଭିଜିଲାନ୍ସ ରେଡରୁ ମିଳିନି। ଏ ଟଙ୍କା ଶହ ଶହ ସୁଇପର ଚାକିରି ଆଶାୟୀଙ୍କର। ମିଛ ଝାଡୁଦାର ଚାକିରି ଠକେଇର ପର୍ଦ୍ଦାଫାସ ସହ ୬୨ ଲକ୍ଷ ନଗଦ କ୍ୟାସ୍ ଜବତ କରିଛି ସମ୍ବଲପୁର ପୋଲିସ। ଏମାନେ ସେହି ଠକ, ଯେଉଁମାନେ ମିଛ ଚାକିରି ବିକ୍ରି କରୁଥିଲେ। ଜଣେ ରାହୁଲ ରାୟ ଓ ଅନ୍ୟ ଜଣେ ପଦ୍ମାବତୀ ତାଣ୍ଡି। ଜବ୍ ଫ୍ରଡର ମାଷ୍ଟରମାଇଣ୍ଡ ରାହୁଲ ଓ ତାକୁ ସହଯୋଗ କରୁଥିଲା ପଦ୍ମାବତୀ। ଦୁଇ ଜଣଙ୍କୁ ଗିରଫ କରିଛି ବୁର୍ଲା ପୋଲିସ। ଡେଲିଭରି ବଏରୁ ସୁଇପର ଜବ୍ ଫ୍ରଡର ମାଷ୍ଟରମାଇଣ୍ଡ ସାଜିଥିଲା ରାହୁଲ। ଚିପିଲିମା ଅଞ୍ଚଳର ପଦ୍ମାବତୀ ସହ ଚିହ୍ନା ପରିଚୟ ପରେ ଗଢ଼ିଥିଲା ଠକେଇ ନେଟୱର୍କ। ବେଶୀ ପାଠ ପଢ଼ି ନଥିଲେ ବି ଠକେଇରେ କରିଛି ପିଏଚଡି ଡିଗ୍ରୀ।

▶▶ପୃଷ୍ଠା ୭

# ରାଜଧାନୀରେ ବଡ଼ ଏନକାଉଣ୍ଟର: ୪ ବିହାରୀ ଗ୍ୟାଙ୍ଗଷ୍ଟର ସଫା

ନୂଆଦିଲ୍ଲୀ,୨୩/୧୦ : ଦେଶର ରାଜଧାନୀ ଦିଲ୍ଲୀର ରୋହନୀ ଅଞ୍ଚଳରେ ବଡ଼ ଏନକାଉଣ୍ଟର। ବୁଧବାର ଭୋର ସମୟରେ ହୋଇଥିବା ଏନକାଉଣ୍ଟରେ ବିହାରର ୪ ଜଣ ମୋଷ୍ଟୱାଣ୍ଟେଡଙ୍କ ମୁଣ୍ଡ ଗଡ଼ିଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି କରିବାକୁ ଏହି ୪ ଗ୍ୟାଙ୍ଗଷ୍ଟର ଲକ୍ଷ୍ୟ ରଖିଥିଲେ। କିନ୍ତୁ ପୁଲିସ୍ ଗୁଳିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ପୁଲିସ୍‌ର କହିବା କଥା ଯେ ଏନକାଉଣ୍ଟର ରାତି ୨.୨୦ରେ ଆରମ୍ଭ ହୋଇଥିଲା। ଏନକାଉଣ୍ଟରରେ ଦିଲ୍ଲୀ ପୁଲିସ୍ କ୍ରାଇମବ୍ରାଞ୍ଚ ଓ ବିହାର ପୁଲିସ୍ ସାମିଲ ହୋଇଥିଲେ। ୪ ଗ୍ୟାଙ୍ଗଷ୍ଟର ଓ ପୁଲିସ୍ କର୍ମଚାରୀଙ୍କ ମଧ୍ୟରେ ବେଶ କିଛି ସମୟ ଧରି ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ୨୫ ବର୍ଷୀୟ ରଞ୍ଜନ ପାଠକ, ୨୫ ବର୍ଷୀୟ ବିମଲେଶ ମାହତୋ ଓରଫ ବିମଲେଶ ସାହନି, ୩୩ ବର୍ଷୀୟ ମନୀଷ ପାଠକ ଓ ୨୧ ବର୍ଷୀୟ ଅମନ ଠାକୁର ପ୍ରାଣ ହରାଇଛନ୍ତି। ଏମାନଙ୍କ ନାଁରେ ହତ୍ୟା ଠାରୁ ଆରମ୍ଭ କରି ଏକାଧିକ ସଂଗୀନ ମାମଲା ରହିଥିଲା। ବିହାର ପୁଲିସର ମୋଷ୍ଟୱେଣ୍ଟେଡ ତାଲିକାରେ ଏମାନଙ୍କ ନାଁ ଥିଲା।

# ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦

ଖୋର୍ଦ୍ଧା , ୨୩/୧୦ (ନି.ପ୍ର): ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଅକ୍ଟୋବର ୧୦ ତାରିଖରୁ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ୬୦ ଦିବସ ବ୍ୟାପୀ ଜିଲ୍ଲାରେ ସଚେତନତା ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି ଯୋଗଦେଇ କହିଲେ ଯେ ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମାଜରେ ମୁଣ୍ଡ ବ୍ୟଥାର କାରଣ ହୋଇଛି । ଯୁବକ ମାନେ କୁସଂଗରେ ପଡ଼ି ପଥ ଭ୍ରଷ୍ଟ ହୋଇ ନିଜର, ପରିବାରର, ସମାଜର ଓ ରାଷ୍ଟ୍ରର ହିତ ସାଧନରେ ପ୍ରତିବନ୍ଧକ ହେଉଛନ୍ତି । ତମାଖୁ ସେବନ ଦ୍ୱାରା କର୍କଟ ରୋଗରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ସାରା ବିଶ୍ୱରେ ୮୦ ଲକ୍ଷରୁ ଅଧିକ ବ୍ୟକ୍ତି ମୃତ୍ୟୁ ବରଣ କରୁଛନ୍ତି । ତମାଖୁ ର ବେଆଇନ କାରବାର ପାଇଁ ବ୍ୟାପକ ଚଢାଉ ଓ ତମାଖୁ ବ୍ୟବହାରର କ୍ଷତି ସୁଦୂର ପ୍ରଚାର ପ୍ରସାର ହେଲେ ସମାଜରେ ଏଭଳି ଭୟାନକ ରୋଗ ସଂକ୍ରମଣରୁ ସୁରକ୍ଷା ଦିଆଯାଇ ପାରିବ ବୋଲି କହିଥିଲେ । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର କହିଲେ ଯେ ତମାଖୁ ସେବନ ଦ୍ୱାରା ଭାରତ ବର୍ଷରେ ପ୍ରତିବର୍ଷ କର୍କଟ, ହୃଦରୋଗ, ଶ୍ୱାସ ଜନିତ ରୋଗ, ମଧୁମେହ ମସ୍ତିଷ୍କାଘାତ ରୋଗରେ ପଡି ୨୮ ଲକ୍ଷରୁ ଅଧିକ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ତମାଖୁ ଧୂଆଁରେ ୭୦୦୦ରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥିରୁ ୬୯ ଗୋଟି କର୍କଟ ରୋଗର କାରଣ ଅଟେ । ଧୂମହିନ ତମାଖୁରେ ୩୦୦୦ ରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥିରୁ ୨୮ ଗୋଟି କର୍କଟ ରୋଗର କାରଣ ଅଟେ । ଏହି ପରିପ୍ରେକ୍ଷୀରେ ଡାକ୍ତର ରଞ୍ଜନ ମିତ୍ର କହିଥିଲେ ତମାଖୁ ସେବନ ଅଭ୍ୟାସ ଛାଡ଼ିବା ସମ୍ଭବ । ନିଜର ଦୃଢ଼ ମାନସିକତା ରଖି ନିଶା ଛାଡିବାର ଦିନ, ତାରିଖ ଶୀଘ୍ର ବାଛନ୍ତୁ, ବନ୍ଧୁ ଓ ପରିବାର ଜନକୁ ଜଣାନ୍ତୁ, ଧୁମ ପାନ ମୁକ୍ତ ସ୍ଥାନରେ ରୁହନ୍ତୁ, ଯୋଗ ଓ ଧ୍ୟାନ ଅଭ୍ୟାସ କରନ୍ତୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ, ଡାକ୍ତରଙ୍କ ପରାମର୍ଶ ନେଇ ନିଜର ଦୃଢ଼ ମାନସିକତା ବଜାୟ ରଖି ନିଶା ଛାଡ଼ି ପରିବାର ଓ ସମାଜର ଯୁବକ ମାନେ ଆଦର୍ଶ ହୋଇ ରାଷ୍ଟ୍ର ହିତ ସାଧନାରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଆଗକୁ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ତମାଖୁମୁକ୍ତ ଯୁବା ଅଭିଯାନ ୩.୦ଓଡ଼ିଶା ୧୦ ଅକ୍ଟୋବର ୯ ଡିସେମ୍ବର ୨୦୨୫ ପ୍ରଚାର ପତ୍ର ଓ ପ୍ରାଚୀର ପତ୍ର କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ଡାକ୍ତର ସୁଶାନ୍ତ ବିଶ୍ୱାଳ ଅଭିଯାନର ୬୦ ଦିବସ ବ୍ୟାପୀ ୬ ଗୋଟି ରଣନୀତି ତଥା ଅମାଖୁର କ୍ଷତିକାରକ ପ୍ରଭାବ ଉପରେ ଜନସଚେତନତା ବୃଦ୍ଧି କରିବା,ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଅନୂପାଳନକୁ ବୃଦ୍ଧି କରିବା, ତାମାଖୁମୁକ୍ତ ଗ୍ରାମ ପାଇଁ ପ୍ରୟାସ କରିବା, କୋଟପା COTPA, ୨୦୦୩ ଏବଂ ଚରଉଇ,୨୦୧୯ ର ବ୍ରବର୍ତନକୁ ବୃଦ୍ଧି କରିବା, ସାମାଜିକ ଗଣ ମାଧ୍ୟମ ର ପ୍ରସାରକୁ ବୃଦ୍ଧି କରିବା ସହ ଦକ୍ଷତା ବିକାଶ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ବିଭାଗ ସମ୍ମିଳିତରେ ଜିଲ୍ଲର ଯୁବକ ମାନଙ୍କୁ କିଭଳି ତମାଖୁ ବର୍ଜନ ନିମନ୍ତେ ସଚେତନତା କରାଯିବ ସେ ସମ୍ବନ୍ଧରେ ବିସ୍ତୃତ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ବୈଠକରେ ଅବକାରୀ ଅଧିକ୍ଷକ ଶ୍ରୀମତୀ ସୁମତି ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ ପଟେଲ, ନିବେଦିତା ଭଟ୍ଟ,ସି ପି ଏମ ଏଲିରା ମହାପାତ୍ର ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ତମାଖୁ ମୁକ୍ତ ଅଭିଯାନ ର ସଫଳତା ଦିଗରେ ଆଲୋକପାତ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୨୩/୧୦ (ନି.ପ୍ର): ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ , ଓଡ଼ିଶା , ଭୁବନେଶ୍ୱର ର ପତ୍ର ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ‘ ମାନବ ସମାଜର କଲ୍ୟାଣ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା‘ ବିଷୟ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ର ଉଦ୍ଘାଟନ ରେ ମୂଖ୍ୟ ଅତିଥି ଭାବେ ଜୟପୁର ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦନ କୁମାର ନାୟକ,ଜୟପୁର ର ସୁନାମ ଧନ୍ୟ ସଙ୍ଗୀତଜ୍ଞ୍ୟ ଶ୍ରୀ ଧିରେନ ମୋହନ ପଟ୍ଟନାୟକ,ହସତେରୁଆ ଗ୍ରୁପର ପରିଚାଳକ ଓ ହାସ୍ୟ ଅଭିନେତା ଶ୍ରୀ ରାମନାଥ ତ୍ରିପାଠୀ, ଅବସର ପ୍ରାପ୍ତ ବିଦ୍ୟାଳୟ ନିରିକ୍ଷକ ଓ ନାଟ୍ୟକାର ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଧନପୁର ର ପ୍ରଧାନ ଶିକ୍ଷକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶ୍ରୀ ଓମ୍ ପ୍ରକାଶ ମିଶ୍ର, ଜଗଦିଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଉପେନ୍ଦ୍ର ଦୀପ ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣଲତା ମିଶ୍ର , ଜିଲ୍ଲା ବିଜ୍ଞାନ ନିରିକ୍ଷକ ଶ୍ରୀ ଅନନ୍ତ ଦଳପତିଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା । ଆଜିର ପ୍ରତିଯୋଗିତା ରେ କୋରାପୁଟ ଜିଲ୍ଲାର ୦୯ ଟି ଦଳ ଯଥା ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦପୁର, ଓଡ଼ିଶା ମାଇନିଙ୍ଗ ବିଦ୍ୟାଳୟ, ଜୟପୁର,ପ୍ରିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଟାଙ୍ଗୀଣୀଗୁଡା, ସରକାରୀ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ, କୁନ୍ଦୁରା, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ମାନ୍ଦ୍ୱାର,ପ୍ରିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋରାପୁଟ, ସରକାରୀ ସାଙ୍ଗନା ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ଅଂଶ ଗ୍ରହଣ କରିଥିଲେ। ଆଜିର ପ୍ରତିଯୋଗିତା ରେ ପ୍ରିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋରାପୁଟ ପ୍ରଥମ ସ୍ଥାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ଦ୍ୱିତୀୟ ସ୍ଥାନରେ ଓ ଓଡ଼ିଶା ମାଇନିଙ୍ଗ ଆଦର୍ଶ ବିଦ୍ୟାଳୟ ଜୟପୁର ତୃତିୟ ସ୍ଥାନରେ ଅଧିକାର କରିଥିଲେ । ଆଜିର କାର୍ଯ୍ୟକ୍ରମ ର ଉଦଯାପନ ରେ ଉପରୋକ୍ତ ସଦସ୍ୟ ସହ ଙ ସହ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀ ଅଭିଷେକ କୁମାର ଭୁଏ ଙ ଦ୍ୱାରା ଶ୍ରେଷ୍ଠ ନାଟକ, ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ କାହାଣୀ କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ନାଟକ ଦଳ ପ୍ରାନ୍ତୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ନବରଙ୍ଗପୁର ଠାରେ ଅଂଶ ଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମ ର ମଞ୍ଚ ପରିଚାଳନା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ର ଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସୁନ୍ଦର ରାୟ କରିଥିଲେ ଓ ପରିଶେଷରେ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣଲତା ମିଶ୍ର ସମସ୍ତ ବିଦ୍ୟାଳୟ ର ଅଂଶ ଗ୍ରହଣ କରିଥିବା ଦଳ , ଶିକ୍ଷକ, ଶିକ୍ଷୟିତ୍ରୀ, ଜୟପୁର ମଣ୍ଡଳ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ , ମୂଖ୍ୟ ଅତିଥି, ବିଚାରକ ମଣ୍ଡଳୀ,ଅନ୍ୟାନ୍ୟ ବିଦ୍ୟାଳୟ ରୁ ଆସିଥିବା ସମସ୍ତ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ,ସମସ୍ତ ସହ ଶିକ୍ଷକ , ଶିକ୍ଷୟିତ୍ରୀ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ କରି ସାଫଲ୍ୟ ମଣ୍ଡିତ କରିଥିଲେ ।

# ‘ସ୍ୱଚ୍ଛତା ସ୍ୱାଭିମାନ ଅଭିଯାନ ୫.୦’- ମାଧ୍ୟମରେ ସେଲ୍, ଆରଏସପିର ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ




ରାଉରକେଲା, ୨୩/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଚଳିତ ସ୍ୱଚ୍ଛତା ସ୍ୱାଭିମାନ ଅଭିଯାନ ୫.୦ର ଅଂଶ ସ୍ୱରୂପ ଅକ୍ଟୋବର ୧୯ ତାରିଖରେ ସେକ୍ଟର-୦୯ ସ୍ଥିତ ମଙ୍ଗଳା ମନ୍ଦିର ଏବଂ ବଜାର ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା । ଏହି ଅଭିଯାନଟି ସେଲ୍ ଏସସି ଆଣ୍ଡ ଏସଟି କର୍ମଚାରୀ ମହାସଂଘ, ସେକ୍ଟର-୦୯ ମନ୍ଦିର କମିଟି ଏବଂ ସେକ୍ଟର-୦୮ କ୍ରିକେଟ୍ ଟିମ୍ କମିଟି ଦ୍ୱାରା ମିଳିତ ଭାବରେ ସଂଯୋଜିତ ହୋଇଥିଲା । ଏହି ସ୍ୱଚ୍ଛତା ଅଭିଯାନରେ ରଘୁନାଥପାଲିର ମାନ୍ୟବର ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ ନେତୃତ୍ୱ ନେଇଥିଲାବେଳେ ସହର ଇଞ୍ଜିନିୟରିଂ ବିଭାଗର ଜିଏମ ଶ୍ରୀ ହର ପଟ୍ଟନାୟକ ଏବଂ ସହର ଇଞ୍ଜିନିୟରିଂ-ଜନ ସ୍ୱାସ୍ଥ୍ୟ ବିଭାଗର ଡ଼ିସିଏମଓ ଡକ୍ଟର ଦୀପା ଲାଭାଙ୍ଗରେଙ୍କ ସମେତ ଇସ୍ପାତ ଟାଉନସିପ୍ ର ବାସିନ୍ଦା ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ଏହି ଅଭିଯାନରେ ସେଚ୍ଛାସେବୀମାନେ ମଙ୍ଗଳା ମନ୍ଦିର ଏବଂ ବଜାର ଅଞ୍ଚଳସହ ଏହାର ଆଖପାଖରେ ଅଳିଆ ଆବର୍ଜନା ସଫା କରିବା ସହ ଏକ ସଚେତନତା କାର୍ଯ୍ୟକ୍ରମ କରିଥିଲେ, ଯାହା ସର୍ବସାଧାରଣ ସ୍ଥାନରେ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ବାର୍ତ୍ତାକୁ ଆହୁରି ସୁଦୃଢ଼ କରିଥିଲା ।

ଏହି ପ୍ରୟାସ ସେଲ୍, ଆରଏସପି ତଥା ଏହାର ବିସ୍ତୃତ ସମ୍ପ୍ରଦାୟର ଏକ ସ୍ୱଚ୍ଛ, ସବୁଜ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନରେ ଯୋଗଦାନ ଦେବାର ସାମୂହିକ ଭାବନାକୁ ପ୍ରତିଫଳିତ କରେ । ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ରସାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କନ୍ଧମାଳ ପୋଲିସ ପକ୍ଷରୁ ୬୬ ତମ ପୁଲିସ ଶହୀଦ ସ୍ମୃତି ଦିବସ ଅନୁଷ୍ଠିତ

କନ୍ଧମାଳ, ୨୩/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମାର ଫୁଲବାଣୀ ରିଜର୍ଭ ପୋଲିସ ପଡିଆ ଠାରେ ଜିଲ୍ଲା ପୋଲିସ ତରଫରୁ ୬୬ ତମ ପୁଲିସ ଶହୀଦ୍ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ହରିଶ ବି ସି ଯୋଗ ଦେଇ ସହୀଦ ସ୍ମୃତି ସ୍ତମ୍ଭ ରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ପ୍ୟାରେଡ୍ ?ରେ ଅଭିବାଦନ ଗ୍ରହଣ କରିବା ସହିତ ପୁଲିସ ଶହୀଦ୍ ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ । ୧୯୫୯ ମସିହା ଅକ୍ଟୋବର ୨୧ ତାରିଖ ଦିନ କେନ୍ଦ୍ରୀୟ ସୁରକ୍ଷା ବଳର ୧୦ ଜଣ ଯବାନ ଲଦାଖର ହଟସ୍ପ୍ରିଙ୍ଗ ଅଂଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଚୀନ୍ ସୈନ୍ୟ ମାନଙ୍କ ସହିତ ମୁକାବିଲା କରି ଶହୀଦ୍ ହୋଇଥିଲେ ।୧୯୬୦ ମସିହା ଜାନୁୟାରୀ ମାସରେ ଦିଲ୍ଲୀ ଠାରେ ଅନୁଷ୍ଠିତ ପୁଲିସ ଆଇ.ଜି.ମାନଙ୍କ ସର୍ବ ଭାରତୀୟ ସମ୍ମିଳନୀରେ ଅକ୍ଟୋବର ୨୧ ତାରିଖରୁ ପ୍ରତି ବର୍ଷ ଦେଶର ଜିଲ୍ଲା ମୁଖ୍ୟାଳୟ ମାନଙ୍କରେ ପୁଲିସ ଶହୀଦ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇ ଥିଲା । ଏହି ଅବସରରେ ଚଳିତ ବର୍ଷ ୬୬ ତମ ପୁଲିସ ଶହୀଦ୍ ଦିବସ ପାଳନ କରାଯାଇଛି । ଓଡିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ସହ ଅମର ଶହୀଦ ଯବାନମାନଙ୍କ ପ୍ରତି ରହିଥିବା ଶ୍ରଦ୍ଧାଞ୍ଜଳି ପଠନ କରାଯାଇ ଥିଲା । ପୁଲିସ ବାହିନୀ ନିଜ ପରିବାର କଥା ପଛରେ ପକାଇ ନିଜ ଜୀବନକୁ ବିପନ୍ନ କରି ବିପଦ ସମୟରେ ଲୋକଙ୍କ ସେବା କରିବା ସହ ମାଓବାଦୀ ଗୁଳିରେ ପ୍ରାଣବଳି ଦେଇ ସାଧାରଣ ଜନତା ସୁରକ୍ଷା ନିମନ୍ତେ କାର୍ଯ୍ୟ କରିଆସୁଛନ୍ତି । ଏହି ଅବସରରେ ସହିଦ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତିନି ତୋପ ସଲାମି ଦିଆଯିବା ସହ ସହିଦ ପରିବାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ସକାଳ ୯ଟା ସମୟରେ ପୋଲିସ ଡାକ୍ତରଖାନା ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ରିଜର୍ଭ ଇନ୍ସପେକ୍ଟର ବୀର ସିଂ ଶବର ପ୍ୟାରେଡ ପରିଚାଳନା କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୁତି ଭୂଷଣ ମହାପାତ୍ର,ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ପୋଲିସ ବିଭାଗର ସମସ୍ତ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଟାଉନ ଥାନା ଅଧିକାରୀ ପି. ସ୍ୱରୂପ କିଷନ ଉପସ୍ଥିତ ଥିଲେ ।

## ପୁରୀ ଜିଲ୍ଲାରେ ସାଇବର ସଚେତନତା କାର୍ଯ୍ୟକ୍ରମ

ପୁରୀ, ୨୩/୧୦ (ନି.ପ୍ର): ପୁରୀ ଜିଲ୍ଲାରେ ୧୮ ଅକ୍ଟୋବରରୁ ୧୭ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସାଇବର ସଚେତନତା ମାସ ଅବସରରେ ପୁରୀର ବିଭିନ୍ନ ପୁଲିସ ଥାନା ଅଂଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି । ବୁଧବାର ବ୍ରହ୍ମଗିରି ଥାନା ଏବଂ ଅରଖକୁଦା ସାମୁଦ୍ରିକ ଥାନା ଅଂଚଳରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ । ବ୍ରହ୍ମଗିରି ଥାନା ଅଧୀନ ଅଲାରନାଥ ଦେବ ମହାବିଦ୍ୟାଳୟରେ ବ୍ରହ୍ମଗିରି ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତିଙ୍କ ନେତୃତ୍ୱରେ ୨୦୦ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ବିଷୟରେ ସୂଚନା ଓ ସଚେତନତା କରାଯାଇଥିଲା । ସାଇବର ରଥ ବ୍ରହ୍ମଗିରି ଅଂଚଳରେ ଗାଁ କୁ ଗାଁ ବୁଲି ଲୋକମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରୁଛି । ଅରଖକୁଦା ମେରାଇନ ଥାନା ଅଂଚଳରେ ଥିବା ଅରଖକୁଦା ସ୍କୁଲରେ ମଧ୍ୟ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା । ଏଥିରେ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅରଖକୁଦା ଥାନା ଅଧିକାରୀ ନିରଞ୍ଜନ ବେହେରା ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇ ଓ ଅନଲାଇନ ଠକାମୀ ସଂପର୍କିତ ସଚେତନତା ସୂଚନା ପ୍ରଦାନ କରିଥିଲେ । ଏହି ସାଇବର ସଚେତନତା ମାସର ଲକ୍ଷ୍ୟ ହେଉଛି ସାଧାରଣ ଲୋକଙ୍କୁ ସାଇବର ଅପରାଧ ଠକାମୀ ଓ ଡିଜିଟାଲ ସୁରକ୍ଷା ବିଷୟରେ ସଚେତନ କରିବା । ଏହା ସହ ଯଦି କୌଣସି ଏହିପରି ସମସ୍ୟା ଆସେ ତେବେ ତୁରନ୍ତ ଏତିକି ନମ୍ବରରେ ଫୋନ ୧୯୩୦ / ୮୨୮୦୪୯୧୩୦୦ ଯୋଗାଯୋଗ କରିବାକୁ ପୁରୀ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି ।

# ଯୁବ କୁଲୁତା ସମାଜର ନୂଆଁଖାଇ ଭେଟଘାଟ

ବଲାଙ୍ଗୀର, ୨୩/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଅଡିଟରିୟମ୍ ଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ମହିଳା କମିଶନ ସଦସ୍ୟ ମୁକ୍ତା ସାହୁ ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଛତିଶଗଡ କୁଲୁତା ସମାଜ ସଭାପତି ଗିରିଧାରି ସାହୁ, ପୂର୍ବତନ ସଭାପତି ଲାଦେରପାଲି ରାମଚଣ୍ଡି ମନ୍ଦିର ଦିବାକର ପ୍ରଧାନ, ଓଡିଶା କୁଲୁତା ସମାଜ ଉପ-ସଭାପତି କ୍ଷେତ୍ରବାସୀ ପ୍ରଧାନ, ସୁନ୍ଦରଗଡ ଜିଲ୍ଲା ସଭାପତି ଗଜପତି ବାରିକ, ସୁବର୍ଣ୍ଣପୁର ଜିଲ୍ଲା ସଭାପତି ମୁରଲି ବିଶ୍ୱାଲ, ଆସିଷ୍ଟେଣ୍ଟ କଲେକ୍ଟର ଟୁକୁ ପ୍ରଧାନ, ବିବିଏମ୍ସିଏଚ୍ ଫାଇନାନ୍ସ ଅଫିସର ମୁରାରି ସାହୁ, ସୁରେନ୍ଦ୍ର ସ୍ୱାଇଁ ଓ ବଶିଷ୍ଟ ସାହୁ ଯୋଗଦାନ ଦେଇଥିଲେ । ଏ ଅବସରରେ ସାଲିନି ବିଶି, ଟୁକୁ ପ୍ରଧାନ, ଆୟୁଷ ପ୍ରଧାନ, ରୁକ୍ମଣ ବିଶ୍ୱାଲ, ଜିଲ୍ଲା ଯୁବ କୁଲୁତା ସମାଜ ସଂପାଦକ ଭୁବନେଶ୍ୱର ଭୋଇ, କୋଷାଧ୍ୟକ୍ଷ ଆକାଶ ବିଶ୍ୱାଲ, ଉପ-ସଭାପତି ଦିନେଶ ପ୍ରଧାନ, ସହ-ସଂପାଦକ ଅକୃର ନାୟକ ତଥା ରକ୍ତଦାତା ଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଗଣ ଯୁବ କୁଲୁତା ସମାଜର କାର୍ଯ୍ୟକ୍ରମକୁ ଭୁୟଂସି ପ୍ରଶଂସା କରିବା ସହ ଏ ସଂଗଠନ ସଙ୍ଗେ ସମସ୍ତେ ଜଡିତ ହୋଇ ସମାଜର ବିକାଶ ପାଇଁ ଆଗେଇ ଆସନ୍ତୁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଏ ଅବସରରେ ଯୁବ କୁଲୁତା ସମାଜ ଓ ସମ୍ବାଦ ଆମ ଓଡିଶାର ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ସାଂସ୍କୃତି କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜ୍ୟୋର୍ତିମୟୀ ପ୍ରଧାନ ପରିଚାଳନା କରିଥିବା ବେଳେ ସମ୍ବାଦ ଜିଲ୍ଲା ପ୍ରତିନିଧି ଅଞ୍ଜନ ପ୍ରଧାନ, ଜିଲ୍ଲା ଯୁବ କୁଲୁତା ସମାଜ ସଦସ୍ୟ ଅସୀତ ସାହୁ, ପ୍ରଫୁଲ୍ଲ ପ୍ରଧାନ, ଲୋକନାଥ ଭୋଇ, ମିଳାପ ଗଡତ୍ୟା, ବାସୁଦେବ ସାହୁ, ଚକ୍ର ସାହୁ, ଗୋବିନ୍ଦ ପ୍ରଧାନ, ସରୋଜ ପ୍ରଧାନ, ଉମେଶ ନାଏକ, ପ୍ରଶାନ୍ତ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ବୃନ୍ଦାବନ ବେହେରା ଓ ଓମ୍କାର ପ୍ରଧାନ ସହଯୋଗ କରିଥିଲେ ।

# ଇଏସଆଇସି ସହଯୋଗରେ ସେଲ୍, ଆରଏସପି ଦ୍ୱାରା ଠିକାଦାରମାନଙ୍କ ନିମନ୍ତେ ସଚେତନତା ଅଧିବେଶନ ଆୟୋଜିତ




ରାଉରକେଲା, ୨୩/୧୦ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଇଏସଆଇସି ସହଯୋଗରେ ଠିକାଦାରମାନଙ୍କ ନିମନ୍ତେ ଅକ୍ଟୋବର ୧୪ ତାରିଖରେ କେନ୍ଦ୍ରୀୟ ବିଦ୍ୟୁତ ତାଲିମ ପ୍ରତିଷ୍ଠାନର ପ୍ରେକ୍ଷାଳୟରେ ଏକ ସଚେତନତା ଅଧିବେଶନ ଆୟୋଜିତ ହୋଇଯାଇଛି । ଏହି ଅଧିବେଶନରେ କାରଖାନାର ବିଭିନ୍ନ ବିଭାଗରେ ନିୟୋଜିତ ମୋଟ ୫୪ ଜଣ ଠିକାଦାର ଓ ସେମାନଙ୍କର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଏହି ସଚେତନତା କାର୍ଯ୍ୟକ୍ରମଟି ଏସପିଆରଇଇ ୨୦୨୫ (ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପଞ୍ଜିକରଣକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା) ଏବଂ ଆମନେଷ୍ଟି-୨୦୨୫ ଯୋଜନା ଉପରେ ପର୍ଯ୍ୟବେଶିତ ଥିଲାବେଳେ ଯେଉଁମାନେ ଏପର୍ଯ୍ୟନ୍ତ ଇଏସଆଇସି ସହିତ ଜଡିତ ନାହାଁନ୍ତି ସେମାନଙ୍କୁ ପୁରୁଣା ଦେୟ ଦାବି ବିନା ଇଏସଆଇ ପୋର୍ଟାଲ, ଶ୍ରମ ସୁବିଧା ପୋର୍ଟାଲ ଏବଂ କମ୍ପାନୀ ବ୍ୟାପାର ପୋର୍ଟାଲ ମାଧ୍ୟମରେ ପଞ୍ଜିକରଣ କରିବାକୁ ଉତ୍ସାହିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ପ୍ରକାଶ ଯୋଗ୍ୟ ଯେ , ଏସପିଆରଇଇ-୨୦୨୫ ଅଧୀନରେ ପଞ୍ଜିକରଣ କରିଥିବା ନିଯୁକ୍ତିଦାତାମାନେ ସେମାନଙ୍କ ପଞ୍ଜିକରଣ ତାରିଖ କିମ୍ବା ସେମାନଙ୍କ ଦ୍ୱାରା ଘୋଷିତ ତାରିଖରୁ କଭର ହୋଇଥିବା ବିବେଚନା କରାଯିବ ଏବଂ ନୂତନ ପଞ୍ଜିକୃତ କର୍ମଚାରୀମାନେ ପଞ୍ଜିକରଣ ତାରିଖରୁ ହିଁ ଇଏସଆଇ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ଲାଭ ପାଇବା ଆରମ୍ଭ କରିବେ । ଉକ୍ତ ଅଧିବେଶନରେ ଠିକାଦାର ଏବଂ ସେମାନଙ୍କର ପ୍ରତିନିଧିମାନେ ଗଭୀର ଆଗ୍ରହ ଦେଖାଇବା ସହିତ ଏହାର ମତବିନିମୟ ଅଧିବେଶନରେ ଉତ୍ସାହର ସହିତ ଅଂଶଗ୍ରହଣ କରି ସ୍ପଷ୍ଟୀକରଣ ଲୋଡ଼ିବା ସହିତ ଏଠି ସମ୍ବନ୍ଧରେ ନିଜର ସନ୍ଦେହ ଦୂର କରିଥିଲେ ।

ଏହି ଅଧିବେଶନକୁ ମାନବ ସମ୍ବଳ (ସିଏଲସି, ପ୍ରକଳ୍ପ, ସହର ଏବଂ ମେଡିକାଲ୍) ବିଭାଗର ଜିଏମ ଶ୍ରୀ ଜି.ଆର. ଦାଶ ଅଧିବେଶନର ଉଦଘାଟନ କରିଥିଲାବେଳେ ଇଏସଆଇ ର ବ୍ରାଞ୍ଚ ମ୍ୟାନେଜର ଶ୍ରୀ ଅନିସୁର ରହମାନ ଅନସାରୀ ଏହାର ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାଶ ଏବଂ ମାନବ ସମ୍ବଳ (ସିଏଲସି) ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ଏମ୍. ସିନ୍ଦୁର ଠିକାଦାର ଏବଂ ପର୍ଯ୍ୟବେକ୍ଷକଙ୍କ ସହ ସମସ୍ୟା ଏବଂ ମତାମତ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ (ପ୍ରକଳ୍ପ) ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ନୀଳମଣି ମାଝୀ, ମାନବ ସମ୍ବଳ (ସିଏଲସି) ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ବିଜ୍ଞାନ ପାତ୍ରଙ୍କ ସହ ଶ୍ରମ କଲ୍ୟାଣ ବିଭାଗର ସେକ୍ସନ ଅଫିସର ଶ୍ରୀ ଧ୍ରୁବେଶ ବେହେରା, ସୁଶ୍ରୀ ସ୍ୱେତା ବେହେରା, ଶ୍ରୀ କୃଷ୍ଣ ଚନ୍ଦ୍ର ଦାଶ ଏବଂ ଶ୍ରୀ ଲକ୍ଷ୍ମଣ ମହାନ୍ତ ସଂଯୋଜନା କରିଥିଲେ ।

# ଟିଟିଲାଗଡ଼ ଷ୍ଟେସନରେ ଭିଡ଼ ପରିଚାଳନା ବ୍ୟବସ୍ଥା

ବଲାଙ୍ଗୀର, ୨୨ ଅକ୍ଟୋବର(ହି.ସ.) – ଚଳିତ ଉତ୍ସବ ଋତୁ ଏବଂ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ଟିଟିଲାଗଡ଼ ରେଳ ଷ୍ଟେସନରେ ବ୍ୟାପକ ଭିଡ଼ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି । ଯେପରିକି ଯାତ୍ରୀଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବା ଏବଂ ଅଧିକ ଭିଡ଼କୁ ରୋକିବା ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାର, ବୁକିଂ କାଉଂଟର, ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ୍ ଭଳି ପ୍ରମୁଖ ସ୍ଥାନରେ ଅତିରିକ୍ତ ରେଳ ସୁରକ୍ଷା ବଳ(ଆର୍ପିଏଫ୍) କର୍ମଚାରୀ ଏବଂ ବାଣିଜ୍ୟିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ଏବଂ ଷ୍ଟେସନ ପରିସରରେ ସୁଗମ ଗତିବିଧି ବଜାୟ ରଖିବା ପାଇଁ ସାଧାରଣ ସମ୍ବୋଧନ ବ୍ୟବସ୍ଥା ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଉଛି । ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ଟିକେଟ କାଉଂଟର ଏବଂ ସୁରକ୍ଷା ଚେକପୋଷ୍ଟଗୁଡ଼ିକରେ ଧାଡ଼ି ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଯାତ୍ରୀମାନଙ୍କୁ ସେମାନଙ୍କର ନିର୍ଦ୍ଧାରିତ ଟ୍ରେନ୍ ପ୍ରସ୍ଥାନର ଯଥେଷ୍ଟ ପୂର୍ବରୁ ଷ୍ଟେସନରେ ପହଂଚିବାକୁ ଏବଂ ଏକ ଶୃଙ୍ଖଳିତ ଯାତ୍ରା ଅଭିଜ୍ଞତା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଉଛି । ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଭିଡ଼ ଗତିବିଧିର ନିରନ୍ତର ତଦାରଖ ସୁନିଶ୍ଚିତ କରାଯାଉଛି । ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାଷ ଚନ୍ଦ୍ର ଚୌଧରୀ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ଏବଂ ଯାତ୍ରୀମାନଙ୍କର ଅସୁବିଧାଗୁଡିକୁ ଏଡାଇବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଜନସାଧାରଣଙ୍କୁ ହାଲୁକା ଜିନିଷ ସହ ଯାତ୍ରା କରିବାକୁ, ଷ୍ଟେସନରେ ପ୍ରଦର୍ଶିତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ମଧ୍ୟ ନିବେଦନ କରିଛନ୍ତି । ପାର୍ବଣ ଭିଡ଼ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ସୁଗମ ଏବଂ ସୁଖଦ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳ ପ୍ରତିବଦ୍ଧ ।

# କାଳୀ ପୂଜା ମହୋତ୍ସବ ଅବସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୩/୧୦ (ନି.ପ୍ର): ୫୭ତମ କାଳୀ ପୂଜା ଅବସରରେ ସହୀଦ ପ୍ରତାପ ନାଏକ ଓ ଯବାନ ସଚିନ କୁମାର ସାହୁ ଙ୍କ ସ୍ମୃତି ଅବସରରେ ଆଜି ସୋନପୁର ମଝିପଡା ନାମ ମଣ୍ଡପ ଠାରେ ରାମଧୁନ୍ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଏଡିଏମ ଓ ଡା. ଦୁର୍ଗାଦତ ଦାଶ, ସମାଜସେବୀ ଶ୍ରବସ୍ତ ମଲ୍ଲିକ, ପୂର୍ବତନ କାଉନସିଲର କଇରୁ ସ୍ୱାଇଁ, ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ଆର୍ତତ୍ରାଣ ବାବୁ, ସଂପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଏଡିପିଏଚ୍ ଓ ରମେଶ ସ୍ୱାଇଁ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରି ଆୟୋଜକଙ୍କ ଏ କାର୍ଯ୍ୟକୁ ପ୍ରଶଂସା କରି ଥିଲେ । ସମୁଦାୟ ୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଆଜି ୪୪ ରୁ ଉର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି । ସେଥିମଧ୍ୟରୁ ୮ ଜଣ ରୋଗୀ ଙ୍କ ଅସ୍ତ୍ରୋ ପ୍ରଚାର ପାଇଁ ପଠାଯାଇଛି । କ୍ଲବର ସଦସ୍ୟ ଲଡ୍ଡୁ କିଶୋର ମଲ୍ଲିକ, ସନ୍ତୋଷ ପାଢ଼ୀ, ମଂଚରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଆୟୋଜକ କମିଟି ପରାମର୍ଶ ଦାତା ପୀୟୂଷ ପଣ୍ଡା, ବିକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମନୋରଞ୍ଜନ ତ୍ରୀପାଠୀ ଅତିଥି ସ୍ୱାଗତ କରି ସଭା ସଂଯୋଜନା କରିଥିଲେ । ପୂଜା କମିଟି ସଭାପତି ପୁରେନ୍ଦ୍ର ନାଏକ, ସମ୍ପାଦକ ସୁରଜ୍ ସାହୁ, କୋଷାଧ୍ୟକ୍ଷ ବୁବୁନ ନାୟକ ସହଯୋଗ କରିଥିଲେ । ରିପୁନ ନାଏକ, ଦିଲ୍ଲୀପ ସାହୁ, ବାଳ ଗୋପାଳ ମିଶ୍ର, ରାଜ କୁମାର୍ ନାଏକ, ଶ୍ରୀକାନ୍ତ ନାଏକ, ଚନ୍ଦନ ସାହୁ, ହୃଷୀକେଶ ପଣ୍ଡା, ଲଡ୍ଡୁ କିଶୋର ମଲ୍ଲିକ ପ୍ରମୂଖ ସହଯୋଗ କରିଥିଲେ । ଡ଼ା ସରୋଜ ପଟେଲ, ବ୍ଲଡ ବ୍ୟାଙ୍କ ଟେକ୍ନି ସିଆନ ଜଗତ ଦରୁଓ୍ୱାନ, ସୁଦାମ ବିଶ୍ୱାଳ, ଯୁଧିଷ୍ଠିର ନାଏକ , ଟଙ୍କ ଧର କର୍ଣ୍ଣ ପ୍ରମୁଖ ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିବା ବେଳେ କ୍ଲବ୍ ଓ ପୂଜା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ରକ୍ତ ଦାତା ଆୟୋଜକ ତଥା ସମାଜ ସେବୀ ମନୋଜ ପଣ୍ଡା, ସହୀଦ ସଚିନଙ୍କ ବାପା ଶ୍ରୀ ପ୍ରଦୀପ ସାହୁ, ଓ ସହୀଦ ପ୍ରତାପଙ୍କ ଭାଇ ପ୍ରଦୀପ ନାଏକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

**ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ୍ୟ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି। ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...**

ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍: ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ୍ୟ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ ।

ମୋମୋସର ଲାଲ୍ ଚଟଣି ମଧ୍ୟ କ୍ଷତିକାରକ: ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ୍ୟ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



# ଅଣ୍ଡା ସହ ଏସବୁ ଖାଇବା ଖୁବ୍ ଭଲ, ଭୁଲ୍‌ରେ ବି ପିଅନ୍ତୁନି ଚା' କିମ୍ବା କ୍ଷୀର

ଅଣ୍ଡା ଆମ ଶରୀର ପାଇଁ ଖୁବ୍ ଉପକାରୀ। ପ୍ରୋଟିନ୍‌ରେ ଭରପୂର ଅଣ୍ଡାରେ ମିନେରାଲ୍, ଭିଟାମିନ୍ ଓ ପ୍ରୋଟିନ୍ ଭରି କରି ରହିଛି। ଅଣ୍ଡାକୁ ଆପଣ ଓଜନ ହ୍ରାସ ଡାଏଟ୍‌ରେ ମଧ୍ୟ ସାମିଲ୍ କରିପାରିବେ। ତେବେ ଖାଲି ଅଣ୍ଡା ଖାଇଲେ ଆପଣଙ୍କ ଓଜନ ହ୍ରାସ ହେବ ନାହିଁ, ବରଂ ଏପରି କିଛି ଖାଦ୍ୟ ରହିଛି ଯାହା ସହ ଅଣ୍ଡା ଖାଇବା ଦ୍ୱାରା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ। ତେବେ ଚାଲନ୍ତୁ ଜାଣିବା ଅଣ୍ଡା ସହ କେଉଁ ସବୁ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହେ।

ଅଣ୍ଡା ସହ ପାଳଙ୍ଗ ଖାଇଲେ ଖୁବ୍ ଶୀଘ୍ର ଓଜନ ହ୍ରାସ ହେବାରେ ଲାଗିଥାଏ। ୧ କପ୍ ପାଳଙ୍ଗରେ ୭ କ୍ୟାଲୋରି ଓ ଗୁଡ଼ାଏ ନ୍ୟୁଟ୍ରିଏଣ୍ଟ୍ସ ରହିଛି। ଅଣ୍ଡା ସହ ପାଳଙ୍ଗକୁ ମିଶାଇ ଖାଇଲେ ଯେଉଁ ପରିମାଣର କ୍ୟାଲୋରି ମିଳିଥାଏ, ତାହା ଶରୀର ପାଇଁ ଖୁବ୍ ଭଲ। ଅନ୍ୟ କୌଣସି ପ୍ରକାରର ତେଲ କିମ୍ବା ଲହୁଣୀ ଖାଇଲେ ଆମ ଶରୀରରେ କ୍ୟାଲୋରି ଖୁବ୍ ଶୀଘ୍ର ବଢ଼ିଯାଏ। ଏଥିପାଇଁ ଆପଣ ଅଣ୍ଡାକୁ ନଡ଼ିଆ ତେଲରେ ଓମ୍‌ଲେଟ୍ କରିକି ଖାଇଲେ ସେ ସମସ୍ୟାରୁ ମୁକ୍ତି ପାଇବେ। କାହିଁକି ନା, ନଡ଼ିଆ ତେଲ ମେଟାବଲିଜିମ୍‌କୁ ପ୍ରାୟ ୫ ପ୍ରତିଶତ ବଢ଼ାଇକି ଓଜନ କମାଇବାରେ ସହାୟ ହୋଇଥାଏ।



ତେବେ ଏପରି ଅନେକ ଜିନିଷ ଅଛି ଯାହା ସହ ଅଣ୍ଡା ଖାଇବା ଅନୁଚିତ। ସେଥିମଧ୍ୟରେ ରହିଛି ଚା ଏବଂ କ୍ଷୀର। ଏହି ସବୁ ପାନୀୟ ସହ ଅଣ୍ଡା ଖାଇବାକୁ ବାରଣ କରାଯାଇଛି। ଏସବୁ ସହ ଅଣ୍ଡା ଖାଇଲେ ଶରୀରରେ ଓଲଟା ପ୍ରଭାବ ପଡ଼ିଥାଏ।

# ଗୁପ୍ତ ସହର



ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।

### ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେଷ୍ଟୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

### ବର୍ଲିଂଟନ୍, ଇଂଲଣ୍ଡ:

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଲଂଲଣ୍ଡର ଓ୍ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍‌ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

# ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?

ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ। ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ ।

ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା। ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।

ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି। ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ । ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ



ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୋ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

# ଭାତ ଓ ରୁଟି: କାହାର ଆରମ୍ଭ କେବେ, ଜାଣନ୍ତୁ

ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ହିଁ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମ ଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଆମର ଭାରତୀୟ ଖାଦ୍ୟ ଅଭ୍ୟାସରେ ଭାତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶେଷ ଭାବେ ପଶ୍ଚିମବଙ୍ଗ, ଓଡ଼ିଶାରୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପ୍ରମୁଖ ଭାବେ ଭାତ ହିଁ ଖାଇଥାନ୍ତି। ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ଆମ ଦେଶରେ ପାରମ୍ପରିକ ଭାବେ ବାସୁମତୀ, ହଂସରାଜ, ଜୟା, ପଦ୍ମା, ସୋନା, ଇତ୍ୟାଦି କିସମର ଧାନ ଚାଷ ହୋଇ ଚାଉଳ ଅମଳ ହୁଏ। ବିଭିନ୍ନ ରାଜ୍ୟରେ ଚାଉଳକୁ ଅନେକ ପ୍ରକାରରେ ପ୍ରକ୍ରିୟାକରଣ କରାଯାଇ ଖାଦ୍ୟୋପଯୋଗୀ କରାଯାଉଛି। ଆମେ ସାଧାରଣତଃ ଭାତ, ମୁଢ଼ି, ଚୁଡ଼ା ଆଦି ଆମର ପ୍ରମୁଖ ଖାଦ୍ୟ ତଥା ଜଳଖିଆ ଭାବେ ନେଇଥାଉ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଇତିହାସ କୁହେ,ସ୍ୱାଧୀନତାର ପୂର୍ବ ସମୟ ବା ୧୯୪୦ ପୂର୍ବବର୍ତ୍ତୀ ସମୟରେ ଦକ୍ଷିଣ ତଥା ପୂର୍ବ ଭାରତରେ ରୁଟି ଖାଇବା ଏକ ପ୍ରକାର ଆରମ୍ଭ ହୋଇନଥିଲା। ଭାତ ହିଁ ପ୍ରମୁଖ ଖାଦ୍ୟ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଁ ଧାନର ଉପଲବ୍ଧତା ବ୍ୟାଘାତ ହେବା ପରେ ଗହମ ଚାଷ ପ୍ରତି ଆଗ୍ରହ ବଢ଼ିଲା ଏବଂ ସମୟେ ସମୟେ ରୁଟି ଖାଇବା ଆରମ୍ଭ ହେଲା। ବର୍ତ୍ତମାନ ପ୍ରାୟ ପ୍ରତି ଭାରତୀୟମାନଙ୍କ ଘରେ ଦିନକୁ ଥରେ ରୁଟି ଖାଇବା ଦେଖାଯାଉଛି। ବ୍ୟକ୍ତିପିଛା ଏହା ପ୍ରାୟ ଚାଳିଶରୁ ପଚାଶ ଗ୍ରାମ ହୋଇଥାଏ। ତେବେ ଉତ୍ତର ଭାରତରେ ହିଁ ଗହମ ଉତ୍ପାଦନ ଅଧିକ ଥିବା ବେଳେ ଏହା ସବୁ ସ୍ଥାନରେ ବର୍ତ୍ତମାନ ଭାତ ପରି ଏକ ପ୍ରମୁଖ ଖାଦ୍ୟ ହୋଇଛି। ରୁଟି ବିଷୟରେ କହିବାକୁ ଗଲେ, ଗହମ ଚାଷ ହେଉଥିବା





କ୍ଷେତରେ ପାଣି କମ୍ ଆବଶ୍ୟକ ହେବା ସହ ଉଚ୍ଚାଭୂମି ହେବା ଆବଶ୍ୟକ। ବିହନ ବୁଣା ହେବାଠାରୁ ନେଇ ଶସ୍ୟ ଅମଳ ହେବା ଏବଂ ଏହା ପରେ ଗହମ ଚୁରା ହୋଇ ଅଟା ହେବାର ପ୍ରକ୍ରିୟାରେ ଏଥିରେ ଥିବା ପୋଷକ ତତ୍ତ୍ୱ ଅଲଗା ଅଲଗା ହୋଇଥାଏ। ଗହମ ଅଟା ହେବାର ମୁଖ୍ୟତଃ ଦୁଇ ପ୍ରକାର ପ୍ରକ୍ରିୟା ଆମ ଦେଶରେ ଅବଲମ୍ବନ କରାଯାଏ। ତେବେ ପାରମ୍ପରିକ ଉପାୟରେ ଚକିରେ ପେଶା ହୋଇ ପ୍ରସ୍ତୁତ ଅଟା ହିଁ ଉପଯୁକ୍ତ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ। ଏପରି ଭାବରେ ଚୁରା ହୋଇଥିବା ଅଟାରେ ଚୋପା ବା ଚୋକଡ଼ ଅଂଶ ରୁହେ, ଯାହା ଫାଇବରରେ ପରିପୂର୍ଣ୍ଣ। କିନ୍ତୁ ମେସିନ୍ ବା ମିଲ୍‌ରେ ଚୁରା ହୋଇଥିବା ଅଟାରେ ଗହମର ଉପର ଚୋପା ଅଂଶ ପୂର୍ଣ୍ଣ ଭାବେ ନଷ୍ଟ ହୋଇଥାଏ। ଫଳରେ ଅଟାରୁ କେବଳ ଶ୍ୱେତସାର ବା କାର୍ବୋହାଇଡ୍ରେଟ୍ ହିଁ ମିଳିବ ଯାହା ପ୍ରାୟ ଭାତ ଖାଇବା ସହ ସମାନ। ଅଟାରେ ଥିବା ପ୍ରୋଟିନ୍ ମଧ୍ୟରୁ ଗ୍ଲୁଟେନ୍ ହେଉଛି ଆଠରୁ ଦଶ ପ୍ରତିଶତ। ଗ୍ଲୁଟେନ୍ ନଥିବା ଶସ୍ୟରେ ପାଣି ପକାଇଲେ ଏହା ଅଟା ପରି ଚକଟିହୁଏ ନାହିଁ। ଏହା ନିୟମିତ ସେବନ କରିବା ଦ୍ୱାରା ଆମର ୟୁରିକ୍ ଏସିଡ୍ ବଢ଼ିବାର ସମ୍ଭାବନା ଥାଏ। ରୁଟି ସେକିବା ବେଳେ ଏଥିରେ ଥିବା ପ୍ରୋଟିନ୍ ଓ ସୁଗାର ବା ଶର୍କରାର ପ୍ରତିକ୍ରିୟା ଫଳରେ ଅନେକ ଦରକାରୀ ପୋଷକ ତତ୍ତ୍ୱ ନଷ୍ଟ କରିଦିଏ। ଗହମକୁ ଭାଙ୍ଗି ତିଆରି ହେଉଥିବା ଦଲିଆ କିମ୍ବା ଗହମ ଛତୁଆ ପରି ଖାଦ୍ୟରେ ହିଁ ଗହମର ପୋଷକ ତତ୍ତ୍ୱ କିଛି ପରିମାଣରେ ବରାବର ଥାଏ। ଏବେ ଜାଣିବା ଭାତର ପୋଷକ ତତ୍ତ୍ୱ କଣ ରହିଛି। ଆମେ ସାଧରଣତଃ ଦୁଇ ପ୍ରକାର ଭାତ ନିତିଦିନ ଖାଉ। ଅରୁଆ ଓ ଉଷୁନା। ଧାନକୁ ପ୍ରକ୍ରିୟାକରଣ କରାଯାଇ ସିଝାଇ ପ୍ରସ୍ତୁତ ହୁଏ ଉଷୁନା ଚାଉଳ ଏବଂ ଅରୁଆ ଚାଉଳ ସିଧାସଳଖ ଧାନ ଚୁରା ହୋଇ ଆସେ। ତେବେ ପ୍ରକୃତ ଅକାଣ୍ଡିଆ ଉଷୁନା ଚାଉଳ ଯାହା ଢ଼ିଙ୍କିରେ ଧାନ କୁଟି ଚାଉଳ ଉତ୍ପାଦନ କରାଯାଏ, ତାହା ହିଁ ଆମ ଶରୀର ପାଇଁ ଉପାଦେୟ ହୋଇଥାଏ। ଏବେ ଏହା ବଜାରରେ ବ୍ରାଉନ୍ ରାଇସ୍ ନାମରେ ଜଣାଶୁଣା। ଏଥିରେ ଥାୟାମିନ୍, ଫଲିକ୍ ଏସିଡ୍, ଶ୍ୱେତସାର ତଥା ପ୍ରୋଟିନ୍ ରହିବା ସହ ଫାଇବର ମଧ୍ୟ ଥାଏ। ଢିଙ୍କିରେ କୁଟା ଚାଉଳରେ ମିଲ୍ ପେଶା ଚାଉଳ ଅପେକ୍ଷା ୩/୪ଭାଗ ଅଧିକ ଭିଟାମିନ ଓ ମିନେରାଲସ୍ ଥାଏ।ମିଲ୍‌ରେ ପେଶାଯାଇ ପ୍ରସ୍ତୁତ ଚାଉଳରେ ଚାଉଳର ଭିଟାମିନ୍ ଅଂଶ ଓ ଫାଇବର୍ ଅଂଶ ନଷ୍ଟ ହୋଇଥାଏ। ଏପରିକି ମୁଢ଼ି ଓ ଚୁଡ଼ା ପ୍ରସ୍ତୁତି ସମୟରେ ମଧ୍ୟ ଚାଉଳର ଅନେକ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆସିଆନ୍ ଶିଖର ସମ୍ମିଳନୀରୁ ମୋଦୀଙ୍କ ପୃଷ୍ଠଭଙ୍ଗ: କୂଟନୈତିକ ବିଚକ୍ଷଣତା ନା ବାଧ୍ୟବାଧକତାର ସ୍ୱୀକାରୋକ୍ତି ?

ଆନ୍ତର୍ଜାତିକ କୂଟନୀତିର ମହାମଞ୍ଚରେ ପ୍ରତୀକ ଏବଂ ଉପସ୍ଥିତିର ଗୁରୁତ୍ୱ ଅପରିସୀମ । ଏହି ପରିପ୍ରେକ୍ଷୀରେ, ଦକ୍ଷିଣ-ପୂର୍ବ ଏସିଆର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ସମାବେଶ, ଆସିଆନ୍ ଶିଖର ସମ୍ମିଳନୀରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବ୍ୟକ୍ତିଗତ ଭାବେ ଦୂରେଇ ରହିବା କେବଳ ଏକ ସାଧାରଣ ଘଟଣା ନୁହେଁ, ବରଂ ଏହା ଭାରତର ବୈଦେଶିକ ନୀତିରେ ଏକ ଚିନ୍ତାଜନକ ଅଧ୍ୟାୟର ସଙ୍କେତ ଦେଉଛି । ସରକାରୀ ସ୍ତରରେ ଦୀପାବଳି ଏବଂ ଛଠ୍ ପୂଜା ଭଳି ଘରୋଇ କାର୍ଯ୍ୟକ୍ରମର ଦ୍ୱାହି ଦିଆଯାଇଥିଲେ ହେଁ, ଏହି ଯୁକ୍ତି ଅନ୍ତର୍ଜାତୀୟ ସମ୍ପର୍କର ଜଟିଳ ବାସ୍ତବତା ଆଗରେ ଅତ୍ୟନ୍ତ ଦୁର୍ବଳ ମନେହୁଏ । ଏକ ଉଦୀୟମାନ ବିଶ୍ୱଶକ୍ତିର ନେତାଙ୍କ ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚକୁ ଏଡ଼ାଇ ଯିବା ପଛରେ କେବଳ ପର୍ବପର୍ବାଣିର କାରଣ ଥିବା କଥାକୁ ସହଜରେ ଗ୍ରହଣ କରାଯାଇପାରିବ ନାହିଁ । ଏହି ନିଷ୍ପତ୍ତିର ଗଭୀର ବିଶ୍ଳେଷଣ କଲେ ଏହା ସ୍ପଷ୍ଟ ହୁଏ ଯେ, ଏହା ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ସମ୍ଭାବ୍ୟ ଅପ୍ରୀତିକର ସାକ୍ଷାତକୁ ଏଡ଼ାଇବାର ଏକ ପ୍ରୟାସ ମାତ୍ର, ଯାହା ଭାରତ-ଆମେରିକା ସମ୍ପର୍କର ଦୁର୍ବଳ ସ୍ଥିତି ଏବଂ ଭାରତର ବାଣିଜ୍ୟିକ ବାର୍ତ୍ତାଳାପରେ ବିଫଳତାକୁ ପଦାରେ ପକାଇଦେଇଛି ।

ପ୍ରଥମତଃ, ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କର ବର୍ତ୍ତମାନର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ । ଋଷଠାରୁ ଅଶୋଧିତ ତୈଳ କ୍ରୟକୁ କେନ୍ଦ୍ର କରି ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଦଣ୍ଡନୀୟ ଶୁଳ୍କ ଲାଗୁ କରିଛି, ଯାହା ଭାରତୀୟ ଅର୍ଥନୀତି ପାଇଁ ଏକ ଶକ୍ତ ଧକ୍କା ସଦୃଶ । ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (**GTRI**)ର ତଥ୍ୟ ଅନୁସାରେ, ଏହି ଶୁଳ୍କ ଯୋଗୁଁ ମେ'ରୁ ସେପ୍ଟେମ୍ବର ୨୦୨୫ ମଧ୍ୟରେ ଆମେରିକାକୁ ଭାରତର ରପ୍ତାନିରେ ୩୭.୫% ଭଳି ଏକ ବିରାଟ ହ୍ରାସ ଘଟିଛି, ଯାହା ମାସିକ ପ୍ରାୟ ୩.୩ ବିଲିୟନ ଡଲାରରୁ ଅଧିକ କ୍ଷତି ସହ ସମାନ । ଏହା ଦ୍ୱାରା ଲକ୍ଷ ଲକ୍ଷ ଜୀବିକା ସଙ୍କଟରେ ପଡ଼ିଛି, ବିଶେଷକରି ବୟନଶିଳ୍ପ, ଅଳଙ୍କାର ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ । ଏଭଳି ସ୍ଥିତିରେ ଦୀର୍ଘ ଦିନରୁ ପ୍ରତୀକ୍ଷିତ ବାଣିଜ୍ୟିକ ଚୁକ୍ତି କେବଳ କାଗଜକଲମରେ ସୀମିତ ରହିଯାଇଛି ଏବଂ ଆଲୋଚନା ଏକପ୍ରକାର ବାଟବଣା ହୋଇଯାଇଛି । ଆସିଆନ୍ ଶିଖର ସମ୍ମିଳନୀ ଏହି ବାଧାକୁ ଦୂର କରିବା ପାଇଁ ଏକ ସୁଯୋଗ ଥିଲା, କିନ୍ତୁ କୌଣସି ଠୋସ୍ ପ୍ରଗତି ହାସଲ କରିବାରେ ଭାରତ ସକ୍ଷମ ହୋଇପାରି ନାହିଁ । ତେଣୁ, କୌଣସି ସଫଳତା ବିନା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବା ଏକ କୂଟନୈତିକ ଅପମାନକୁ ନିମନ୍ତ୍ରଣ କରିବା ସହ ସମାନ ହୋଇଥାନ୍ତା । ଏହା ଏକପ୍ରକାର ସ୍ୱୀକାରୋକ୍ତି ଯେ, ଭାରତ ଆମେରିକାର ଚାପ ଆଗରେ ନିଜର ସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛି ଏବଂ ଏକ ଖାଲି ହାତରେ ଆଲୋଚନା ଟେବୁଲକୁ ଯିବାକୁ ଚାହୁଁନାହିଁ । ଏହା ବିଚକ୍ଷଣତା ନୁହେଁ, ବରଂ ଏକ ରକ୍ଷଣାତ୍ମକ ଏବଂ ବାଧ୍ୟତାମୂଳକ ପଦକ୍ଷେପ ।

ଦ୍ୱିତୀୟତଃ, ଏହି ନିଷ୍ପତ୍ତି ଭାରତର 'ଆକ୍ଟ ଇଷ୍ଟ' ନୀତିର ଅନ୍ତଃସାରଶୂନ୍ୟତାକୁ ପଦାରେ ପକାଇ ଦେଇଛି । ଆସିଆନ୍ ଭାରତର 'ଆକ୍ଟ ଇଷ୍ଟ' ନୀତିର କେନ୍ଦ୍ରବିନ୍ଦୁ। ଏହି ମଞ୍ଚରେ ଭାରତର ସର୍ବୋଚ୍ଚ ନେତୃତ୍ୱର ଅନୁପସ୍ଥିତି ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରମାନଙ୍କୁ କି ବାର୍ତ୍ତା ଦେଉଛି ? ଯେତେବେଳେ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଚୀନର ଆକ୍ରମଣାତ୍ମକ ବିସ୍ତାରବାଦ ବୃଦ୍ଧି ପାଉଛି, ସେତେବେଳେ ଆସିଆନ୍ ଦେଶଗୁଡ଼ିକ ଭାରତକୁ ଏକ ସନ୍ତୁଳନକାରୀ ଶକ୍ତି ଭାବରେ ଦେଖୁଛନ୍ତି। କିନ୍ତୁ ଭାରତର ଏହି ପୃଷ୍ଠଭଙ୍ଗ ସେମାନଙ୍କ ମନରେ ଭାରତର ପ୍ରତିବଦ୍ଧତା ଏବଂ ନିର୍ଭରଯୋଗ୍ୟତା ଉପରେ ଏକ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିବ । ଭାରତର ଅନୁପସ୍ଥିତିରେ ଚୀନ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏକ ଖୋଲା ମୈଦାନ ପାଇଯିବ । କେବଳ ଭାଷଣ ଏବଂ ଘୋଷଣାରେ 'ଆକ୍ଟ ଇଷ୍ଟ' ନୀତିକୁ ସୀମିତ ରଖି ବାସ୍ତବ କ୍ଷେତ୍ରରେ ପଛଘୁଞ୍ଚା ଦେବା ଭାରତର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରୁଛି।

ତୃତୀୟତଃ, ଏହି ଘଟଣା ଭାରତର ବୈଦେଶିକ ନୀତି ନିର୍ଦ୍ଧାରଣରେ ଘରୋଇ ରାଜନୀତିର ଅତ୍ୟଧିକ ପ୍ରଭାବକୁ ସୂଚାଉଛି । ଏକ ପରିପକ୍ୱ ଗଣତନ୍ତ୍ର ଏବଂ ବିଶ୍ୱଶକ୍ତି ହେବାର ଆକାଂକ୍ଷା ରଖୁଥିବା ଦେଶ ପାଇଁ ଘରୋଇ ପର୍ବପର୍ବାଣି କିମ୍ବା ନିର୍ବାଚନ କେବେହେଲେ ବୈଦେଶିକ ନୀତିର ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ବାଧା ଦେବା ଉଚିତ୍ ନୁହେଁ । ଏହା ଦର୍ଶାଉଛି ଯେ ସରକାର ଆନ୍ତର୍ଜାତିକ ମଞ୍ଚରେ କଠିନ ପ୍ରଶ୍ନର ସମ୍ମୁଖୀନ ହେବା ଅପେକ୍ଷା ଘରୋଇ ରାଜନୀତିର ସୁରକ୍ଷିତ ବଳୟ ମଧ୍ୟରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି । ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ବୈଦେଶିକ ନୀତିର ପରିଚାୟକ ନୁହେଁ, ବରଂ ଏକ ସାମୟିକ ରାଜନୈତିକ ସୁବିଧାବାଦର ପ୍ରତିଫଳନ। ଏହି ନିଷ୍ପତ୍ତି ଦ୍ୱାରା ଭାରତ ଏକ ସୁଯୋଗ ହରାଇଛି, ଯେଉଁଠାରେ ସେ ନିଜର ଆଭିମୁଖ୍ୟକୁ ଦୃଢ଼ତାର ସହ ରଖିପାରିଥାନ୍ତା ଏବଂ ବହୁପାକ୍ଷିକ ମଞ୍ଚରେ ନିଜର ନେତୃତ୍ୱକୁ ପ୍ରତିପାଦିତ କରିପାରିଥାନ୍ତା ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆସିଆନ୍ ଶିଖର ସମ୍ମିଳନୀରୁ ଦୂରେଇ ରହିବା କୌଣସି ସୁଚିନ୍ତିତ ରଣନୀତି ନୁହେଁ, ବରଂ ଏହା ଏକ କୂଟନୈତିକ ପୃଷ୍ଠଭଙ୍ଗ । ଏହା ଭାରତ-ଆମେରିକା ସମ୍ପର୍କରେ ବଢୁଥିବା ତିକ୍ତତା, ବାଣିଜ୍ୟିକ ଚୁକ୍ତିରେ ଭାରତର ଦୁର୍ବଳ ସ୍ଥିତି ଏବଂ 'ଆକ୍ଟ ଇଷ୍ଟ' ନୀତି ପ୍ରତି ଏକ ପ୍ରତିବଦ୍ଧତାର ଅଭାବକୁ ପରିସ୍ଫୁଟ କରୁଛି । ଏକ କଠିନ ବାର୍ତ୍ତାଳାପକୁ ସାମ୍ନା କରିବା ପରିବର୍ତ୍ତେ ମଞ୍ଚ ଛାଡ଼ି ପଳାଇଯିବା ଦ୍ୱାରା ସମସ୍ୟାର ସମାଧାନ ହୁଏ ନାହିଁ, ବରଂ ଏହା ଭବିଷ୍ୟତ ପାଇଁ ଆହୁରି ଜଟିଳତା ସୃଷ୍ଟି କରେ । ଏହି କୂଟନୈତିକ ଶୂନ୍ୟତାର ମୂଲ୍ୟ ଭାରତକୁ ଦୀର୍ଘ ସମୟ ଧରି ଦେବାକୁ ପଡ଼ିପାରେ, କାରଣ ଆନ୍ତର୍ଜାତିକ ସମ୍ପର୍କରେ ଥରେ ହଜିଯାଇଥିବା ବିଶ୍ୱାସ ଏବଂ ସୁଯୋଗ ସହଜରେ ଫେରିଆସେ ନାହିଁ ।



## ଭ୍ରାତୃ ଦ୍ୱିତୀୟା

### ଉତ୍କଳାନନ୍ଦ ଅଜୟ କୁମାର ବେହେରା



କାର୍ତ୍ତିକ ମାସର ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିକୁ କୁହାଯାଏ ଭ୍ରାତୃ ଦ୍ୱିତୀୟା ବା ଯମ ଦ୍ୱିତୀୟା । ରକ୍ଷା ବନ୍ଧନ ପର୍ବ ପରି ଏହି ଦିନଟି ସମର୍ପିତ ଭାଇ-ଭଉଣୀ ସମ୍ପର୍କର ବନ୍ଧନକୁ ଦୃଢ଼ କରିବା ପାଇଁ । ଭାଇର ଦୀର୍ଘ ନିରାମୟ ଜୀବନ କାମନା କରି ପ୍ରାର୍ଥନା କରନ୍ତି ଭଉଣୀ । ଭାଇଙ୍କୁ ମନ ପସନ୍ଦର ଖାଦ୍ୟ ପରଷନ୍ତି ଭଉଣୀମାନେ । ପୁଣି ମୁଣ୍ଡରେ ଟୀକା ଲଗାଇ ବନ୍ଦାପନା କରନ୍ତି ଏବଂ ବିଭିନ୍ନ ଉପହାର ପ୍ରଦାନ କରନ୍ତି । ପଶ୍ଚିମବଙ୍ଗରେ ଏହି ପର୍ବକୁ କହନ୍ତି ଭାଇ ଦୁଜ୍ ବା ଭାଇ ଫୁଟା, ମରାଠୀ ଓ କୋଙ୍କଣ ଭାଷାଭାଷୀଙ୍କ ପାଇଁ ଏହି ପର୍ବ ହେଉଛି ଭାଇ ବିଜ୍ ବା ଭାଉ ବିଜ୍ । ନେପାଳରେ ଏହାକୁ କହନ୍ତି ଭାଇ ଟୀକା। କଥିତ ଅଛି ଦୀପାବଳି ସମୟରେ ନରକାସୁରକୁ ବଧ କରିସାରି ଶ୍ରୀକୃଷ୍ଣ ତାଙ୍କ ଭଉଣୀ ସୁଭଦ୍ରାଙ୍କୁ ଭେଟିବାକୁ ଯାଇଥିଲେ। ସୁଭଦ୍ରା ତାଙ୍କ ଭାଇଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହ କପାଳରେ ଟୀକା ପିନ୍ଧାଇ ସ୍ୱାଦିଷ୍ଟ ଭୋଜନ କରାଇଥିଲେ । ଏହି ଭାଇ-ଭଉଣୀ ସ୍ନେହର ପ୍ରତୀକ ହେଉଛି ଭ୍ରାତୃ ଦ୍ୱିତୀୟା । ପୁଣି ଅନ୍ୟ ଏକ କାହାଣୀ ଅନୁଯାୟୀ, ଯମରାଜ ଏହି ଦିନ ତାଙ୍କ ଭଉଣୀ ଯମୁନାଙ୍କୁ ଭେଟିଥିଲେ ଏବଂ ଯମୁନା ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ନେପାଳରେ ବିଜୟା ଦଶମୀ ପରେ ଭାଇ ଟୀକା ହେଉଛି ଏକ ପ୍ରମୁଖ ପର୍ବ । ଭାଇ କପାଳରେ ନାଲି ଟୀକା ପିନ୍ଧାଇ ଉପହାର ଦିଅନ୍ତି ଭଉଣୀ।

ଆମ ଓଡ଼ିଆ ଚଳଣୀ ଓ ଲୋକବିଶ୍ୱାସରେ ଭାତୃ ଦ୍ୱିତୀୟାର ସ୍ୱତନ୍ତ୍ରତା ଓଡ଼ିଶାର ପ୍ରାନ୍ତୀୟ ଅଞ୍ଚଳରେ କିଛିଟା ଦେଖିବାକୁ ମିଳେ। ଓଡ଼ିଶାରେ ରହୁଥିବା ଅନ୍ୟ ରାଜ୍ୟର ମହିଳାମାନେ ପାରମ୍ପରିକ ଭାବେ ଏହି ଦିବସଟିକୁ ଅତ୍ୟନ୍ତ ଭକ୍ତି ଓ ନୀତି, ରୀତି ସହ ପାଳନ କରିଥାନ୍ତି। ସେହିପରି ପଶ୍ଚିମାଞ୍ଚଳର କିଛି ସ୍ଥାନରେ ଏହି ଦିନଟିକୁ ବେଶ୍ ଜାକଜମକରେ ପାଳନ କରାଯାଏ। ବ୍ରତଚାରିଣୀ ମହିଳାମାନେ ଦେବାଳୟରେ ପୂଜା ପ୍ରାର୍ଥନା କରିବା ସହ ଛୋଟପିଲା ଓ ମହିଳା ମାନଙ୍କୁ ରନ୍ଧାଖାଦ୍ୟା ବଣ୍ଟନ କରିବା ସହ କିଛି ସ୍ୱଚ୍ଛଳ ଘରର ମହିଳାମାନେ ନୂଆଲୁଗାପଟା ବଣ୍ଟନ କରିଥାନ୍ତି। ଓଡ଼ିଶା ଏପରି ଏକ ରାଜ୍ୟ ଏଠାରେ ବସବାସ କରୁଥିବା ଭାରତର ଯେ କୌଣସି ରାଜ୍ୟର ସ୍ୱତନ୍ତ୍ର ପୂଜା ହେଉ ବା ପାର୍ବଣ ଏଠାରେ ଆନନ୍ଦ ଉଲ୍ଲାସର ସହ ସେମାନେ ପାଳନ କରିବା ସହ ଓଡ଼ିଆଙ୍କ ସହ ଏହି ଦିବସଗୁଡ଼ିକୁ ବେଶ୍ ଖୁସି ଓ ଆନନ୍ଦ ଉଲ୍ଲାସ ସହ ପାଳନ କରିଥାନ୍ତି। ଏହା ହେଉଛି ଆମ ଉତ୍କଳୀୟ ଆଧ୍ୟାତ୍ମିକ ପରମ୍ପରାର ଏକ ବିଶେଷତା। ପୁରୀ ଶ୍ରୀମନ୍ଦିରରେ ଏହି ଦିବସକୁ ସ୍ମରଣୀୟ କରି କେହି କେହି ମହାପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିବା ସହ ଗରିବ ବ୍ରାହ୍ମଣ ମାନଙ୍କୁ ମହାପ୍ରସାଦ ବଣ୍ଟନ କରିଥାନ୍ତି।


'ବରେଣ୍ୟବାଣୀ' ପି.ସି.ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨




## ଖାଦ୍ୟ ନିରାପତ୍ତା : ଆବଶ୍ୟକତା, ଉତ୍ପାଦନ ଓ ବଂଟନ

### ବିପିନ ବିହାରୀ ମହାନ୍ତି

ପ୍ରତିବର୍ଷ ୧୬ ଅକ୍ଟୋବରରେ "ବିଶ୍ୱ ଖାଦ୍ୟ ଦିବସ" ପାଳିତ ହୁଏ । ଏହା ଜାତିସଂଘର ଖାଦ୍ୟ ଓ କୃଟି ସଂଗଠନର ଖାଦ୍ୟ ନିରାପତ୍ତା କମିଟି ଦ୍ୱାରା ୧୯୮୩ ମସିହାରେ ପ୍ରସ୍ତାବ କ୍ରମେ ପାଳିତ ହେଉଛି । ଏହାର ଉଦ୍ଦେଶ୍ୟ ସମସ୍ତଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା । ଆସନ୍ତୁ ବୁଝିବା ଖାଦ୍ୟ ନିରାପତ୍ତା କଣ ?

ନିରାପତ୍ତା କହିଲେ ଏକ ଆଶଙ୍କା, ବିପଦ କିମ୍ୱା ଅଭାବ ରୋକିବା ପାଇଁ ଆବଶ୍ୟକ ପ୍ରସ୍ତୁତି ବା ପଦକ୍ଷେପ । ଏପ୍ରକାର ବ୍ୟବସ୍ଥା ନଥିଲେ ଆମେ ନିରାପଦ ନୋହୁଁ । ଏପ୍ରକାର ବ୍ୟବସ୍ଥାକୁ କୁହନ୍ତି ପୂର୍ବ ପ୍ରସ୍ତୁତି । ଏମିତିରେ ଯୁଦ୍ଧକୁ ପ୍ରତିହତ କରିବାରେ ସୈନିକ; ରୋଗପାଇଁ ସୁସ୍ଥ ଶରୀର, ଚିକିତ୍ସା ଓ ଔଷଧପତ୍ର; ନିଆଁ ପାଇଁ ପାଣି ଇତ୍ୟାଦି ନିରାପତ୍ତା ବ୍ୟବସ୍ଥା । ଯାହା ଖାଇ ଆମେ ସୁସ୍ଥ ଓ ନୀରୋଗ ଜୀବନ ବଂଚୁ, ତାହା ଖାଦ୍ୟ । ବିଶ୍ୱର ପ୍ରତିଟି ମଣିଷ; ସମ୍ରାଟ ଠାରୁ ଭିକାରୀ, ଅଭାବୀ ବା ଦୁର୍ଭିକ୍ଷ ଗ୍ରସ୍ତଙ୍କ ପାଇଁ ଭୋକିଲା କେଟରେ ମୁଠାଏ ଦାନା ଯୋଗାଇ ଦେବାହିଁ ଖାଦ୍ୟ ନିରାପତ୍ତା। ଖାଦ୍ୟାଭାବ ହିଁ ବିଶ୍ୱଚିନ୍ତା । ଏଚିନ୍ତା ଆଦିମ ଯୁଗରୁ ଆରମ୍ଭ କରି ଏଯାବତ୍ ଅଛି ।

ଖାଦ୍ୟ ନିରାପତ୍ତା ନେଇ ଚିନ୍ତା ୧୯୭୦ ଦଶକରୁ ଆରମ୍ଭ ହୋଇଛି ବୋଲି ଧରି ନେବାକୁ ହେବ । ତେବେ ସେତେବେଳେ ନିରାପତ୍ତାର ଅର୍ଥ ଯାହାଥିଲା, ପରବର୍ତ୍ତୀ ସମୟରେ ଏହାର ସଂଜ୍ଞା ପରିବର୍ତ୍ତନ ହେବାରେ ଲାଗିଛି । ମିଳିତଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଆନୁକୂଲ୍ୟରେ ୧୯୭୪ ମସିହାରେ ରୋମଠାରେ ଆୟୋଜିତ ବିଶ୍ୱଖାଦ୍ୟ ସମ୍ମିଳନୀ ଘୋଷଣା ନାମାରେ କୁହାଯାଇଥିଲା ଯେ:ପୃଥିବୀର କୌଣସି ଦେଶର ପିଲା, ବୟସ୍କ ପୁରୁଷ ବା ମହିଳା ଭୋକ ଉପାସରେ ରହିବା ଅନୁଚିତ୍ । ଅଖାଦ୍ୟ ବା ଅପପୁଷ୍ଟି କାରଣରୁ ମନୁଷ୍ୟର ଶାରୀରିକ ଓ ମାନସିକ ସ୍ଥିତିରେ ଯେପରି ହ୍ରାସ ନପାଏ, ସେଥିପ୍ରତି ଧ୍ୟାନଦେବା ଉଚିତ୍ । ୧୯୭୯ରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ରିପୋର୍ଟରେ ଖାଦ୍ୟ ନିରାପତ୍ତା ସଂପର୍କରେ କୁହାଯାଇଛି ଯେ:ଚାହିଦା ଅନୁଯାୟୀ ଖାଦ୍ୟ ଯୋଗାଣ ଏବଂ ଆନ୍ତର୍ଜାତୀୟ ବଜାରରେ ସ୍ଥାୟୀ ଓ ନିଶ୍ଚିତ ଯୋଗାଣ'କୁ ଖାଦ୍ୟ ନିରାପତ୍ତା ବୋଲି କୁହାଯିବ ବା କୁହାଗଲା । ପୁଣି ଖାଦ୍ୟ ଓ କୃଷି ସଂଗଠନର ବିଶ୍ୱ ଖାଦ୍ୟନିରାପତ୍ତା କମିଟି ୧୯୮୩ ମସିହାରେ ଏକ ଅଲଗା ସଜ୍ଞା ସୃଷ୍ଟିକଲେ ଯାହାର ଲକ୍ଷ୍ୟ ହେଲା:ପର୍ଯ୍ୟାପ୍ତ କରିମାଣରେ ଖାଦ୍ୟର ଯୋଗାଣ ଓ ଉପଲବ୍ଧତାକୁ ସୁନିଶ୍ଚିତ କରିବା; ଖାଦ୍ୟ ଯୋଗାଣ ଓ ଉପଲବ୍ଧତାରେ ସ୍ଥିରତା ବଜାୟ ରଖିବା ଏବଂ ସମସ୍ତ ଲୋକଙ୍କ ପାଇଁ ଉପଲବ୍ଧର ଖାଦ୍ୟର ସହଜ ପ୍ରାପ୍ତିକୁ ସୁନିଶ୍ଚିତ କରିବା। ଅର୍ଥାତ୍ ସମସ୍ତ ବ୍ୟକ୍ତିଙ୍କ ପାଇଁ ସୁସ୍ଥ ଜୀବନ ଯାପନରେ ଆବଶ୍ୟକ ଖାଦ୍ୟର ସହଜ ପ୍ରାପ୍ତିକୁ ସୁନିଶ୍ଚିତ କରିବାକୁ ଖାଦ୍ୟ ନିରାପତ୍ତା କୁହନ୍ତି ।

୧୯୮୬ ମସିହାରେ ବିଶ୍ୱ ବ୍ୟାଙ୍କର 'ଦାରିଦ୍ର୍ୟ ଓ କ୍ଷୁଧା' ସନ୍ଦର୍ଭରେ ଖାଦ୍ୟ ନିରାପତ୍ତା ସଂଜ୍ଞାରେ କ୍ରିୟାଶୀଳତା କଥାକୁ ସାମିଲ୍ କରାଗଲା। ଏହି ମତେ ସର୍ବଦା ସମସ୍ତ ଜନ ସାଧାରଣଙ୍କ ସୁସ୍ଥ ଓ କ୍ରିୟାଶୀଳ ଜୀବନପାଇଁ ପର୍ଯ୍ୟାପ୍ତ ପରିମାଣ ଖାଦ୍ୟର ସହଜ ପ୍ରାପ୍ତିକୁ ଖାଦ୍ୟ ନିରାପତ୍ତା କୁହାଯାଏ । ଏହା ହେଲା ଆନ୍ତର୍ଜାତିକ ସ୍ତରରେ ନିରୂପଣ କରାଯାଇଥିବା ଖାଦ୍ୟ ନିରାପତ୍ତାର କିଛି ସଜ୍ଞା ।

ସୁସ୍ଥ ଭାବରେ ବଞ୍ଚି ରହିବା ପାଇଁ ଖାଦ୍ୟ ଏବଂ ଖାଦ୍ୟ ନିରାପତ୍ତା ନିହାତି ଆବଶ୍ୟକ । ଖାଦ୍ୟ ବା ଆହାର ବଂଚି ରହିବାର ତିନୋଟି ମୌଳିକ ଆବଶ୍ୟକତା ମଧ୍ୟରୁ ପ୍ରଧାନ ଅଙ୍ଗ । ପିଠିକୁ କନା ଓ ମୁଣ୍ଡକୁ ଗୁଞ୍ଜିବାରେ ବାସ ପରକଥା। ଜୀବନ ଥିଲେତ ସେ ପ୍ରଶ୍ନ ଉଠୁଛି । ଖାଦ୍ୟ ବିନା କି ଶରୀର । କି ଜୀବନ !! ଖାଦ୍ୟରୁ ବଂଚିତ କୌଣସି ବ୍ୟକ୍ତି, ଗୋଷ୍ଠୀ ବା ସଂପ୍ରଦାୟ ପାଇଁ ମୁକ୍ତି ଓ ସ୍ୱାଧୀନତା ପରି ରାଜ ନୈତିକ, ସାମାଜିକ ଓ ସାଂସ୍କୃତିକ ଲକ୍ଷ୍ୟ ହାସଲ କରିବା ନିଶ୍ଚିତ ଭାବେ ଅସମ୍ଭବ । ଯିଏ ପେଟପାଇଁ ହାତପତାଏ, ସିଏ ଗୋଟେ କ୍ରୀତଦାସ ବା କୀତଦାସ ହେବାରେ ପ୍ରଚେଷ୍ଟା କରେ ବୋଲି ଜାଣ । ଏଣୁ ଖାଦ୍ୟ ଅଧିକାର ନଥିଲେ; ସମାଜରେ ବା କୋଉ ଦେଶର ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ନିରାପତ୍ତା ନଥିଲେ, ବଂଚିବାର ଅଧିକାର ହୁଏ ଅର୍ଥହୀନ ।

ବଂଚିବାକୁ ଖାଦ୍ୟର ଆବଶ୍ୟକତା ଜରୁରୀ, ଏହା ନିଶ୍ଚିତ । ଖାଦ୍ୟ ଭିତରେ ମୁଖ୍ୟ ଖାଦ୍ୟ ହେଲା, 'ଶସ୍ୟ' । ଏହା ବ୍ୟତୀତ ପନିପରିବା, ମାଛ ଓ ମାଂସ କଥା ଅଛି । ଖାଦ୍ୟର ଉତ୍ପାଦନ ଉପରେ ଯୋଗାଣ ଓ ବଣ୍ଟନ ନିର୍ଭରକରେ । କୌଣସି ବ୍ୟକ୍ତି ବା ଦେଶ ତା' ଉତ୍ପାଦନରେ ଉଦ୍‌ବୃତ୍ତ ଉତ୍ପନ୍ନ ନକଲେ, ସେବିକ୍ରି ବା ଯୋଗାଣ କରିବ କାହିଁକି ? ନିଜକୁ ଭୋକିଲା ରଖି, କେତେଜଣ ବା କେତେଦେଶ ଅଉକାହାକୁ ବଞ୍ଚାନ୍ତି ? ଯଦି ବି ସମ୍ଭବ, କେତେଦିନ ? କେତେ ? ନିଜେବଂଚି ଅନ୍ୟକୁ ବଂଚାଇବା ପ୍ରକୃତି ପନ୍ଥା, ଏଣୁ ଉତ୍ପାଦନରେ ବୃଦ୍ଧି ଏବଂ ପ୍ରତିଦେଶକୁ ଖାଦ୍ୟ ନିରାପତ୍ତାରେ ସ୍ୱୟଂ ସଂପୂର୍ଣ୍ଣ କରିବା ନିମନ୍ତେ ତଥା ଏକ ଦୀର୍ଘ ସ୍ଥାୟୀ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାପାଇଁ ୧୯୭୪ର ବିଶ୍ୱଖାଦ୍ୟ ସମ୍ମିଳନୀ, ୧୯୯୦ର ଶିଶୁ ସଂପର୍କିତ ଶୀର୍ଷ ସମ୍ମିଳନୀ ୧୯୯୫ରେ ସାମାଜିକ ବିକାଶ ସଂପର୍କିତ କୋପର ହେଗେନ୍ ଶୀର୍ଷ ସମିଳନୀ ଏବଂ ୧୯୯୬ର ରୋମଖାଦ୍ୟ ଶୀର୍ଷ ସମ୍ମିଳନୀ ଇତ୍ୟାଦି ଖାଦ୍ୟ ନିରାପତ୍ତା ପାଇଁ ଉତ୍ପାଦନ ଅର୍ଥରେ ଯାହା କରିଛନ୍ତି, ତାର ଅର୍ଥ ହେଲା: ପରିବେଶ ଓ ପରିବେଷ୍ଟନୀର ସୁରକ୍ଷା, କୃଷି କ୍ଷେତ୍ରରେ ସର୍ବାଧିକ ପୁଞ୍ଜି ଲଗାଣ, ଏଥିପାଇଁ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ; ଦାରିଦ୍ୟ ଓ ଆସମାନତାଦୂର କରିବା ନିମନ୍ତେ ରାଜନୈତିକ ସର୍ତ୍ତ ଓ ସଂକଳ୍ପ ଏବଂ ଏକ ନ୍ୟାୟସଂଗତ ତଥା ବଜାରଭିତ୍ତିକ ବିଶ୍ୱବାଣିଜ୍ୟ ବ୍ୟବସ୍ଥା କରିବା । ଏସବୁରମାନେ ଉତ୍ପାଦନ ପାଇଁ ମାନବ ସମ୍ବଳ କଳ, ବଳ ଓ କୌଶଳ ବିଦ୍ୟା ପ୍ରୟୋଗକରି କୃଷି ଉତ୍ପାଦନ କାରକ ପାଇଁ ଗୁରୁତ୍ୱ ଦିଅ ।

ଏକଥା ମଧ୍ୟ ସୂଚାଇ ଦେଉଯେ, ଉତ୍ପାଦନ ଥିଲେ ଖାଦ୍ୟ ଯୋଗାଣ ଓ ସହଜ ପ୍ରାପ୍ତିକରଣ ସମ୍ଭବ ହୋଇପାରେ। ତେବେ ଯେଉଁଠି ଭୋକ୍ତାର କ୍ରୟ କରିବା ସାମର୍ଥ୍ୟ ନଥିବ, ଯେଉଁ ଅପହଞ୍ଚ ଇଲାକାକୁ ରାସ୍ତାଘାଟ ନଥିବ ଅର୍ଥାତ୍ ସହଜ ଯୋଗାଣ ବ୍ୟବସ୍ଥା ନଥିବ, ସେଠି କରାଯିବ କ'ଣ ? ଯାହାର ଶ୍ରମ ବିନିମୟରେ ପାଇବାର ସାମର୍ଥ୍ୟନଥିବ, ସେ କରିବ କ'ଣ ? ତାହେଲେ ଆମେ କ'ଣ କ୍ଷୁଧାମୁକ୍ତ ବିଶ୍ୱଟିଏ ଗଢ଼ିପାରିବା ? ଅବଶ୍ୟ ଏବେ ଖାଦ୍ୟ ନିରାପତ୍ତା ନିମନ୍ତେ ବିଭିନ୍ନ ଦେଶରେ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାଅଛି । ଅଭାବୀ ମାନଙ୍କ ପାଇଁ ପଡ଼ିକାର୍ଡ୍ ମାଧ୍ୟମରେ ଖାଦ୍ୟ ସାମଗ୍ରୀ ଦିଆଯାଉଛି । ମାତ୍ର ଟଙ୍କାଟିଏ ସରକାର ପଠାଇଲେ, ଖାଉଟିପାଉଛି ୧୩ ପଇସାର । ଟଙ୍କାଏ ପାଇଁ ଖର୍ଚ୍ଚ ହେଉଛି ଟ. ୪.୫୦ । ନଥିଲା ବାଲାଠୁ ଅଧିକ ପାଆନ୍ତି ଥିଲାବାଲା । କଣ୍ଟ୍ରୋଲ୍ ବିକ୍ରିହୁଏ ବଜାରରେ, ଖୋଲାରେ, ଚାଲିଛି ଶୋଷଣ ଓ ବାଟ ମାରଣ । ପଡ଼ିକାର୍ଡ଼ ପଡୁଛି ବନ୍ଧା । ଏକଥା ଦେଖୁଛି କିଏ ? ବିଚାରୁଛନ୍ତି କିଏ ? ଏଥିକୁ ସରକାର ଓ ଭୋକ୍ତା ସଚେତନ ରଖିବା ଜରୁରୀ । ଖାଦ୍ୟ ନିରାପତ୍ତା ପ୍ରତିଟି ପରିବାରରୁ ଆରମ୍ଭ କରି ବିଶ୍ୱପାଇଁ ଲମ୍ୱିଛି । ଏଠି ଜଣେ ବ୍ୟକ୍ତି ଯଦି ଭୋକିଲା ରୁହେ, ଆମ ପ୍ରତିଜ୍ଞା, ସବୁ ପ୍ରଚେଷ୍ଟା ଓ ନିୟମ ସତ୍ତ୍ୱେ, ଅସଫଳ ବୋଲି ନିଶ୍ଚିତ କୁହାଯିବ ।


ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ: ୯୯୩୮୩୪୪୧୩୮




## ଗଙ୍ଗାଧରଙ୍କ ଦୃଷ୍ଟିରେ ତପସ୍ୱିନୀ

### ମୋହନ ଚରଣ ବିଷି

ଏହା ନିଶ୍ଚିତ ଯେ ରାମଚରିତ ପ୍ରଦର୍ଶନ ଗଙ୍ଗାଧରଙ୍କ ଲକ୍ଷ୍ୟ ନୁହେଁ । ତେଣୁ ବାଲ୍ମୀକୀଙ୍କ ରାମାୟଣର ଘଟଣାବଳୀରୁ କିମ୍ୱା ଭବଭୂତିଙ୍କ ଉତ୍ତରରାମଚରିତରେ ରାମଙ୍କ ଚିନ୍ତାର କେନ୍ଦ୍ରବର୍ତ୍ତିନୀ ସୀତା ରାମଚରିତର ପ୍ରାଣତନ୍ତ୍ରୀ ରୂପେ ରହିଥିଲେ ହେଁ ରାମ ଚରିତ ମାଧ୍ୟମରେ ରାମଙ୍କ ପ୍ରେମପ୍ରଦର୍ଶନ ହିଁ ତାର ଲକ୍ଷ୍ୟ। ସେଥିପାଇଁ ଶମ୍ବୁକତପସ୍ୟା, ଅଶ୍ୱଚରିତ ପ୍ରଭୃତି ଘଟଣାମାନ ତପସ୍ୱିନୀର ଉପଯୋଗୀ ନୁହେଁ। ବାଲ୍ମୀକି ଆଶ୍ରମ-ତପୋବନର କ୍ଷୁଦ୍ର ପରିସର ମଧ୍ୟରେ ସୀତାଙ୍କ ଜୀବନକୁ ମୁଖ୍ୟ ଭାବରେ ଆଲୋଡିତ କଲାଭଳି ଅପର କୌଣସି ଘଟଣାର କଳ୍ପନା କରି ବସିଲେ ପ୍ରତିଷ୍ଠିତ ଘଟଣା ପରମ୍ପରାର ପ୍ରଭାବ ତଥା ଦେଶକାଳପାତ୍ର ଦୃଷ୍ଟିରୁ ତହିଁରେ ଔଚିତ୍ୟଭଙ୍ଗର ସମ୍ଭାବନା ହିଁ ବେଶୀ । ବାଲ୍ମୀକି ଆଶ୍ରମର ପ୍ରକୃତି ଏବଂ ତା ଜୀବନର ବର୍ଣ୍ଣନା ୨ୟ, ୪ର୍ଥ, ୫ମ, ୯ମ ଓ ୧୦ମ ସର୍ଗରେ ଲିପିବଦ୍ଧ କରି କରି କବି ଦାୟିତ୍ୱ ସୁନ୍ଦରଭାବେ ତୁଲାଇଛନ୍ତି । କବିଙ୍କର ଉପଜୀବ୍ୟ ତପସ୍ୱିନୀର ଆଧ୍ୟାତ୍ମ ଯଜ୍ଞ ବର୍ଣ୍ଣନା। ଏହା ସଂପୂର୍ଣ୍ଣ ରୂପେ ସତ୍ୟନିଷ୍ଠ ଏବଂ ଜୀବନ ତଥା ମାନସିକ ବିଶ୍ଳେଷଣ ହିଁ ଏହାର ପନ୍ଥା। ତପସ୍ୱିନୀ ସୀତା ନିଜ କାର୍ଯ୍ୟ ମଧ୍ୟରେ, ଅତୀତ ସ୍ମୃତି ମଧ୍ୟରେ ଏବଂ ଅପର କ୍ଷେତ୍ରରେ କିପରି ତପସ୍ୟାର ପ୍ରେରଣା ପାଇଥିଲେ କିମ୍ୱା ତପସ୍ୟା-ନିରତ ଥିଲେ ତାହା ରାମାୟଣରୁ ଆମେ ଜାଣିଛେ। ଆହୁରି ମଧ୍ୟ ଏହି ତପସ୍ୟାର ସ୍ୱରୂପ, ଅଗ୍ରଗତି, ପରୀକ୍ଷା ଓ ଫଳ ପ୍ରଭୃତି ମଧ୍ୟ ପ୍ରଦର୍ଶନ କରିବାର ଚେଷ୍ଟା କରାଯାଇଛି । ଏ ସମସ୍ତ ମଧ୍ୟରେ ମେହେରଙ୍କ ଆଦର୍ଶ - ନାରୀ ଧାରଣା ଅନ୍ତଃସ୍ରୋତ ରୂପେ ରହି ଏ ତପସ୍ୱିନୀ ଓ ତାଙ୍କର ତପସ୍ୟାକୁ ସଙ୍ଗଠିତ, ସମ୍ବନ୍ଧିତ ଓ ସଂଜୀବିତ କରି ପୂର୍ବରୂପ ଦେଇଛି । ତପସ୍ୱିନୀର ପ୍ରତିପାଦ୍ୟ ବିଷୟରେ ଏହି ପ୍ରକୃତି ଯୋଗୁଁ ଆମୂଳଚୂଳ ଏକ ମନସ୍ତାତ୍ତ୍ୱିକ କାବ୍ୟର ରୂପ ଗ୍ରହଣ କରିଛି । ମେହେରଙ୍କ ନାରୀ ଧାରଣାର ରୂପକ ଚିତ୍ର ଓ ପ୍ରକୃତି-ଚିତ୍ରଣର ପ୍ରାଚୁର୍ଯ୍ୟ ନଥିଲେ ହୁଏତ ଏହା ମନୋବିଜ୍ଞାନର ଏକ ଆଲୋଚନା ମାତ୍ର ହୋଇଯାଇଥାଆନ୍ତା । ଏ କ୍ଷେତ୍ରରେ ଚମତ୍କାରିତାପୂର୍ଣ୍ଣ ବିଚିତ୍ର ଘଟଣା–ସମାବେଶ ଏ କାବ୍ୟ ପାଇଁ ସହାୟକ ହୋଇଥାନ୍ତା ବୋଲି ମନେ ହୁଏ ନାହିଁ । ବରଂ ପାଠକର ଦୃଷ୍ଟି ଇତସ୍ତତଃ ଆକୃଷ୍ଟ ଫଳରେ ତପସ୍ୱିନୀର ଅବବୋଧରେ ଅନ୍ତରାୟ ଉପସ୍ଥିତ ହୋଇଥାଆନ୍ତା । ଅବଶ୍ୟ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ଅନ୍ୟ କେତେକ ଘଟଣାର ସମାବେଶ କରିବାକୁ ଆଗ୍ରହ ହୋଇଥିଲେ କବି ସ୍ୱକୀୟ କୌଶଳରେ ସେଗୁଡ଼ିକ ନିପୁଣଭାବେ ନିବଦ୍ଧ କରିଥାନ୍ତେ । ତପସ୍ୱିନୀ ଜୀବନର ପ୍ରତିକ୍ରିୟା ବିଚିତ୍ର ଭଙ୍ଗୀରେ ଫୁଟାଇ ତପସ୍ୱିନୀକୁ ଆହୁରି ସ୍ପଷ୍ଟ, ଆହୁରି ମୂର୍ତ୍ତ କରିପାରିଥାନ୍ତେ, ଏପରି ସମ୍ଭାବନା କରିବାରେ ବାଧା ନାହିଁ। କିନ୍ତୁ ତାହା ସମ୍ଭାବନା ମାତ୍ର । ଆମର ଦେଖିବା କଥା, କବି ପରିବେଷଣ କରିବାକୁ ପ୍ରତିଶ୍ରୁତି ଦେଇ ଆରମ୍ଭ କଲେ, ତାହା ସଂଯୋଜିତ ଘଟଣା ଓ ଚରିତ୍ର ଦ୍ୱାରା ସମ୍ପୂର୍ଣ୍ଣରୂପେ ରସୋତ୍ତୀର୍ଣ୍ଣ ହୋଇ ଉପସ୍ଥାପିତ ହୋଇପାରିଛି ନା ନାହିଁ। ପ୍ରତ୍ୟେକ ଓଡ଼ିଆ ପାଠକ 'ତପସ୍ୱିନୀ' ପଢ଼ି ତପସ୍ୱିନୀର ତପସ୍ୟାର ମର୍ମ, ସ୍ୱରୂପ, ଲକ୍ଷ୍ୟ, ଅଭିବୃଦ୍ଧି ଏବଂ ପରିଣତି ବୁଝିବା ସଙ୍ଗେ ସଙ୍ଗେ ଆଦର୍ଶ ପାଇଁ ଆପଣାକୁ ତିଳ ତିଳ ଦଗ୍ଧ କରିଥିବା ଏହି ମହୀୟସୀ ସତୀର ଦୁଃଖରେ ଅଶ୍ରୁ ଢାଳେ, ଅଥଚ ଅନୁଦ୍‌ବିଗ୍ନ ମନରେ ସ୍ୱୀୟ ସ୍ଥିତ ହୃଦୟରେ ସେହି ଉନ୍ନତ ଆଦର୍ଶର ମହତ୍ତ୍ୱକୁ ଅନୁଭବ କରି ତାହାରି ପାଇଁ ଗଙ୍ଗାଧରଙ୍କ ଆଡ଼କୁ ପ୍ରସନ୍ନ କୃତଜ୍ଞ ଦୃଷ୍ଟିରେ ଚାହିଁ ରହେ, ତାହାହିଁ ତପସ୍ୱିନୀ କାବ୍ୟର ପୂର୍ଣ୍ଣତା ଓ ସଫଳତାର ଦ୍ୟୋତକ। ଆହୁରି ମଧ୍ୟ ଆମେ ଯଦି ଦେଖିବା ନାରୀ ଚରିତ୍ର ଭାବେ ତପସ୍ୱିନୀକୁ ତାହେଲେ ମେହେରଙ୍କ ଦୃଷ୍ଟିରେ ନାରୀ ହେଇଯାଇଛି ସ୍ୱୟଂ ସଂପୂର୍ଣ୍ଣା। ମେହେରଙ୍କ ଆଦର୍ଶ ନାରୀ-ଚରିତ୍ର ପ୍ରେମ, ସେବା, ଭକ୍ତି ଓ ତ୍ୟାଗ ତଥା କର୍ତ୍ତବ୍ୟବୋଧକୁ ଅବଲମ୍ବନ କରି ଗଠିତ ଏକ ସ୍ଥାୟୀ ଧାରଣାର ବହିର୍ବିକାଶ । କାଳିଦାସଙ୍କ ପ୍ରଦର୍ଶିତ ମାର୍ଗରେ ଶକୁନ୍ତଳାର ଚରିତ୍ରରେ ଇତସ୍ତତଃ ପରିବର୍ତନ କରି ମେହେର କବି ତାକୁ ନିଜ ମାନସିକ ଆଦର୍ଶରେ ରଞ୍ଜିତ କରିବାକୁ ଚେଷ୍ଟା କରିଥିଲେ; ବିଶ୍ଳେଷଣ ଓ ଚିତ୍ରଣର ସ୍ୱାଧୀନତା ନ ଥିବାରୁ ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ମେହେରୀୟ ଧାରଣାର ଆଦର୍ଶ ନାରୀ ଓ ପ୍ରେମିକା ବ୍ୟତୀତ ତାହାର ଅନ୍ୟ ପରିଚୟ ନାହିଁ । କିନ୍ତୁ ସୀତା ଚରିତ୍ର ପ୍ରୟୋଜନ ଓ ସଂସ୍ଥାପନରେ ମେହେରଙ୍କ ନିରଙ୍କୁଶ କର୍ତ୍ତୃତ୍ୱ ଥିବାରୁ ସେ ଏହି ଚରିତ୍ରରେ ନିଜ ଧାରଣା ପରିପୂର୍ଣ୍ଣ ଭାବରେ ରୂପାୟିତ କରିବାରେ ସମର୍ଥ ହୋଇଅଛନ୍ତି । କାଳିଦାସଙ୍କ ଶକୁନ୍ତଳାକୁ ବିକୃତ କରିଦେଲେ ବା ସୀତାଙ୍କୁ ଏପରି ଗଢ଼ିଲେ ବୋଲି ଯେଉଁ ସମାଲୋଚକମାନେ ମେହେରଙ୍କ ଚିତ୍ରଣରେ ଦୋଷ ଦେଖନ୍ତି, ସେମାନେ ହୁଏତ ମେହେରଙ୍କ ନାରୀ ଚରିତ୍ର ଧାରଣା ବିଷୟରେ ଅଜ୍ଞ, ନଚେତ୍ ସ୍ୱକୀୟ ଭାବନାର ପୁଟ ଦେଇ ସେହି କବି-ନିଷ୍ଠ ଧାରଣା-ବିଶେଷଟିକୁ ଭିନ୍ନ କରି ପକାନ୍ତି। ସେ ଧାରଣା ସହ ସମାଲୋଚକଙ୍କ ଧାରଣାର ସାମ୍ୟ ନ ରହିବାରେ ଅସ୍ୱାଭାବିକତା ନାହିଁ, କିନ୍ତୁ ଆତ୍ମଧାରଣାକୁ କବି-ଧାରଣା ଉପରେ ଆରୋପ କରି କବିର ସମାଲୋଚନା କରି ବସିଲେ ଆଲୋଚନା ନିରପେକ୍ଷ ହେବ ନାହିଁ । କବିଙ୍କ ଧାରଣାର ସମ୍ୟକ୍ ଅବବୋଧ ପରେ ସେହି ଧାରଣାରେ ତନ୍ମୟ ହେଲେ ଯାଇ କବିଙ୍କ ସୃଷ୍ଟିର ସୌଷ୍ଠବ ଓ ସ୍ୱାଭାବିକତା ଉପଲବ୍ଧି କରିହେବ । ନିଜ ଧାରଣାରେ ଗଭୀର ଆସ୍ଥା ଫଳରେ କବି ଗଙ୍ଗାଧର କାବ୍ୟର କ୍ରମିକ ପରିଣତି ମଧ୍ୟରେ ସ୍ୱାଭାବିକତା ଓ ସାବଲୀଳତା ରକ୍ଷାକରି ଯେଉଁ ଅପୂର୍ବ ସୃଷ୍ଟି କରିଅଛନ୍ତି ତାହା ଓଡ଼ିଆ ସାହିତ୍ୟରେ ଦୁର୍ଲଭ । ତାଙ୍କର ସମସାମୟିକ ଓ ପରବର୍ତ୍ତୀ ଆଧୁନିକ କବିମାନେ ଜୀବନ ବିଶ୍ଳେଷଣ ଉପରେ ନିବଦ୍ଧ ଏହିପରି ଅସାଧାରଣ କାବ୍ୟସୃଷ୍ଟି କରିବାରେ ଆତ୍ମନିୟୋଗ କରିନାହାନ୍ତି । ତେଣୁ ଏ କ୍ଷେତ୍ରରେ ମେହେର-ସୃଷ୍ଟି ଯେପରି ଅଭିନବ ସେହିପରି ତାହା ମେହେର-ପ୍ରତିଭାର ମୌଳିକ ଓ ପୂର୍ଣ୍ଣାଙ୍ଗ ଅବଦାନ ରୂପେ ମେହେରଙ୍କ କାବ୍ୟୋଦ୍ୟାନର ଶ୍ରେଷ୍ଠ କୁସୁମ।


ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୭୯୭୮୪୨୦୭୬୬


### କବିତା କୋଣାର୍କ

## ପ୍ରେମିଳ ପୃଥିବୀ

### ଲୋକେଶ୍ୱର ପାଣ୍ଡେ



ତୁ ଫେରିବା ବେଳକୁ...
ନ ଥିବି ମୁଁ
ନ ଥିବ ଛଳ ଛଳ
ଚପଳ ସମୟ
ନ ଥାଇ ପାରେ,
ଏ ପ୍ରିୟ ସହର
ତଥାପି ;
ତୁ କହ -ପ୍ରେମର କି
ରହିଥାଏ ଶେଷ !
ତୋର ପହିଲି ହସ
ଚୋରା ଚାହାଣିରେ
ଲକ୍ଷେ ପ୍ରେମ ଗପ
ଘନ କୁନ୍ତଳ କେଶ
ତୁ ଥିଲେ ନିଦାଘ ବି
ଅମାନିଆ ସମୟ
ବହୁ ଥିବ କାଳ କାଳ
କେତେ ଘାତ
କେତେ ପ୍ରତିଘାତ
ଜୀବନ ମରଣ
ଋତୁ ଚକ୍ର ମାତ୍ର,
ଥିବା ନ ଥିବା
ସବୁ ଏକା କଥା
ପ୍ରେମିଳ ପୃଥିବୀ
ଗାଉ ଥିବ ପ୍ରେମର କବିତା।
ଆଗୋ ! ପ୍ରିୟମ୍ବଦା
ନ ଥିବି ମୁଁ
ଥିବ ଫୁଲ - ଫଗୁଣ
ଭ୍ରମରର ଗୁଣୁ ଗୁଣୁ ତାନ
ଖିଲି ଖିଲି ହସୁ ଥିବ
ଅଳସୀ ଜହ୍ନ
କେଉଁ ଦୂର ଦେଶୁ
ଶୁଭୁ ଥିବ ମୁରଲୀର ସ୍ୱନ।


+ମେଣ୍ଢପାଲି,ଦଶପୁର, ବଲାଙ୍ଗିର


## ଆଲୋକିତ ଅମାବାସ୍ୟା

### ସରସ୍ୱତୀ ମେହେର

ଅନ୍ଧାର ରାତି ଯେତେ ଗାଢ଼ ହୁଏ
ସେତେ ଆଲୋକର ଅପେକ୍ଷା ବଢେ
ଜୀବନ ଯେବେ ନିରାଶାରେ ଡୁବେ
ସେଇଠୁ ନୂଆ ଆଶା ଉଭବେ ।
ଚନ୍ଦ୍ର ଲୁଚିଗଲେ ଆକାଶ କୋଳେ
ତଥାପି ତାହାର ଆଲୋକ ଅଛି ମନରେ
ଦେଖି ପାରେନାହିଁ ଆଖି,କିନ୍ତୁ
ଏକ ଶୀତଳ ପ୍ରଭା
ଜଗି ରହିଛି ଅପେକ୍ଷାରେ ।
ଅମାବାସ୍ୟା କହେ ଭୟ କରନି
ମୁଁ ହେଉଛି ଆଲୋକର ଜନ୍ମଦିନ
ଯେଉଁଠି ଆଶାର ଶେଷ ହୁଏ
ସେଇଠୁ ଆରମ୍ଭ ହୁଏ
ନିଜପଥର ସନ୍ଧାନ ।
ନିଜ ମନର ଅନ୍ଧକାରକୁ ଜିତି
ଆଲୋକ ଜଳେଇବା
ଅମାବାସ୍ୟା ହେବା ଆଲୋକିତ
ଜୀବନରେ ଶାନ୍ତି ପାଇବା ।


+ସିନାପାଲି





# ‘କ୍ୟୁଁ କି ସାସ୍ ଭି କଭି ବହୁ ଥି ୨’ରେ ଅଭିନୟ କରିବେ ବିଲ୍ ଗେଟ୍ସ



ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ଏବଂ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଶିଳ୍ପପତିଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବିଲ୍ ଗେଟ୍ସ । କିଛିଦିନ ହେବ ବିଲ୍ ଗେଟ୍ସ ଛୋଟପରଦାରେ ନଜର ଆସିବା ଖବର ସାମ୍ନାକୁ ଆସିବା ପରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଛି । ସ୍ମୃତି ଇରାନୀଙ୍କ ସୋ’ ‘କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨‘ରେ ଏକ ଛୋଟ ଭୂମିକାରେ ବିଲ୍ ଗେଟ୍ସ ଅଭିନୟ କରିବାକୁ ଯାଉଛନ୍ତି । ସୋ’ର ତିନିଟି ଅଧ୍ୟାୟରେ ବିଲ୍ ଗେଟ୍ସଙ୍କ ଅଭିନୟ ଦେଖିବାକୁ ମିଳିବ । ‘କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨‘ କାହାଣୀରେ ଏମିତି ଏକ ମୋଡ଼ ଆସିବ ଯେଉଁଥିରେ ସ୍ମୃତି ଇରାନୀ ଏବଂ ବିଲ୍ ଗେଟ୍ସ ଏକ ଭିଡିଓ କଲ୍ ମାଧ୍ୟମରେ କଥାବାର୍ତ୍ତା ହେଉଥିବାର ଦେଖିବାକୁ ମିଳିବ । ଏହି ଆଲୋଚନା କେବଳ ଏକ ସାଧାରଣ ଚାଟ୍ ହେବ ନାହିଁ ବରଂ ଏକ ଗମ୍ଭୀର ସାମାଜିକ ବାର୍ତ୍ତା ବହନ କରିବ । ସୂତ୍ର ଅନୁଯାୟୀ, ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ଦୀର୍ଘ ଦିନ ଧରି ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କାମ କରିଆସୁଛି । ସୋ’ ସହିତ ଜଡ଼ିତ ସୂତ୍ରରୁ ପ୍ରକାଶ, ସେମାନେ ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଏକ ଟ୍ରାକ୍ ସୁଟିଂ କରିଛନ୍ତି । ଏହି ଏପିସୋଡ୍ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହିତ ମିଳିତ ଭାବରେ ସୃଷ୍ଟି କରାଯାଇଛି, ଯାହା ବାସ୍ତବ ଦୁନିଆରେ ମଧ୍ୟ ଏହି ଦିଗରେ କାର୍ଯ୍ୟ କରେ ।

# ୩ ବର୍ଷର ଝିଅକୁ ପତ୍ର ଲେଖନ୍ତି ଆଲିଆ



ଚିଠି ପଢ଼ିବା ପାଇଁ ଏକ ନିର୍ଦ୍ଦିଷ୍ଟ ବୟସ ଥାଏ । ପିଲାଟିଏ ଅକ୍ଷର ଶିଖିବା ପରେ ଯାଇ କିଛି ପଢ଼ାପଢ଼ି କରିବାକୁ ସମର୍ଥ ହୋଇଥାଏ । ମାତ୍ର ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ନିଜର ୩ ବର୍ଷର ଝିଅକୁ ପତ୍ର ଲେଖିବା କଥା ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁନାହିଁ କି ? ସେମିତି ଲାଗିଲେ ବି କଥାଟି ଏକଦମ୍ ସତ, ଏଥିରେ ନିଜ ଝିଅ ପ୍ରତି ଜଣେ ମାଆର ସ୍ନେହ ଭରି ହୋଇ ରହିଛି ବୋଲି ଆପଣ ଭାବିପାରନ୍ତି । ଆଲିଆ ତାଙ୍କ ଅକ୍ଷର ଶିଖିନଥିବା ଝିଅ ରାହାଙ୍କୁ ଏବେଠାରୁ ଚିଠି ଲେଖିବା ଆରମ୍ଭ କରିଛନ୍ତି ; ଯାହାକୁ ସେ ତାଙ୍କ ୧୮ ଜମ ଜନ୍ମଦିନରେ ଏକାଥରକେ ଦେବେ ବୋଲି ଚିନ୍ତା କରିଛନ୍ତି ।

କାଜଲ ଏବଂ ଟ୍ୱିଙ୍କିଲ୍ ଖାନ୍ନାଙ୍କ ଚାଟ୍ ସୋ ’ଟୁ ମଚ୍’ରେ ବରୁଣ ଧୱନଙ୍କ ସହ ପହଞ୍ଚିଥିଲେ ଆଲିଆ । ସେଠାରେ ତାଙ୍କୁ ତାଙ୍କ ଝିଅ ସଂକ୍ରାନ୍ତରେ ପଚରା ଯାଇଥିବା ପ୍ରଶ୍ନରେ ଆଲିଆ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅନେକ କଥା ବାଣ୍ଟିଥିଲେ । ସେହି ମୁହୂର୍ତ୍ତରେ ସେ ଏପରି ଏକ ନିଆରା କଥାକୁ ପ୍ରକାଶ କରିଛନ୍ତି । ତେବେ ଏହି ଆଇଡିଆ ଆଲିଆଙ୍କୁ କରଣ ଜୋହରଙ୍କ ‘କୁଛ୍ କୁଛ୍ ହୋତା ହେ’ ସିନେମାରୁ ମିଳିଛି ବୋଲି ପଚରା ଯିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି । ତାଙ୍କର କିଛି ବନ୍ଧୁ ନିଜ ପିଲାମାନଙ୍କ ପାଇଁ ଏପରି କରିବା ଦେଖି ସେ ଶିଖିଛନ୍ତି ବୋଲି ଆଲିଆ କୁହନ୍ତି । ତେବେ ଆଲିଆ ଏହା ବି କହିଛନ୍ତି ଯେ ହୁଏତ ସେ ଚିଠିଗୁଡ଼ିକୁ ୧୮ ବର୍ଷ ପର୍ଯ୍ୟନ୍ତ ରଖି ନପାରନ୍ତି । ତାଙ୍କ ଝିଅ ବଡ଼ ହୋଇ ଜାଣିବା ପରେ ୧୩-୧୪ ବର୍ଷ ବୟସରୁ ମଧ୍ୟ ମାଗିପାରନ୍ତି ।




ବଲିଉଡରୁ ଗୋଟିଏ ପରେ ଗୋଟିଏ ଦୁଃଖଦ ଖବର ଆସିବାରେ ଲାଗିଛି । ଗତ ସପ୍ତାହକ ଭିତରେ ବଲିଉଡ ଇଣ୍ଡଷ୍ଟ୍ରିର ୩ ଜଣ ଜଣାଶୁଣା ସେଲିବ୍ରିଟି ଆଖି ବୁଜିଲେଣି । ଯାହାକୁ ନେଇ ଏବେ ସୁନେଲୀ ଦୁନିଆରେ ଖେଳିଯାଇଛି ଶୋକର ଛାୟା । ହୃଦଘାତ ନେଇଯାଇଛି ବଲିଉଡ ଗାୟକ ଋଷଭ ଟଣ୍ଡନଙ୍କ ଜୀବନ । ଋଷଭ ତାଙ୍କ ପରିବାରକୁ ଭେଟିବା ପାଇଁ ଦିଲ୍ଲୀସ୍ଥିତ ଘରକୁ ଯାଉଥିବା ବେଳେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି । ଋଷଭ ‘ୟେ ଆଶିକି,‘ ‘ଇଶ୍କ ଫକିରାନା‘ ଏବଂ ‘ଚାନ୍ଦ୍ ତୁ‘ ଭଳି ଲୋକପ୍ରିୟ ଗୀତ ଗାଇ ଚର୍ଚ୍ଚାକୁ ଆସିଥିଲେ । ଋଷଭ ଟଣ୍ଡନଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ, ସେ ରୁଷର ଓଲେସିଆ ନେଡୋବେଗୋବାଙ୍କୁ ବିବାହ କରିଥିଲେ । ଋଷଭଙ୍କ ଶେଷ ପୋଷ୍ଟ ତାଙ୍କ ପତ୍ନୀଙ୍କ ସହ ଥିଲା । କରୱା ଚୌଥ ପାଳନ ସମୟର ଫଟୋ ସେୟାର କରିଥିଲେ ଋଷଭ । ହଠାତ୍ ତାଙ୍କ ଦେହାନ୍ତ ହେବା ଖବର ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଖାଲି ଋଷଭ ନୁହେଁ ଗତ ୧୫ ତାରିଖରେ ଲୋକପ୍ରିୟ ଅଭିନେତା ତଥା ମହାଭାରତ ଧାରାବାହିକର ‘କର୍ଣ୍ଣ’ ପଙ୍କଜ ଧୀରଙ୍କ ଦେହାନ୍ତ ହୋଇଥିଲା । କିଛି ବର୍ଷ ଧରି କର୍କଟ ରୋଗରେ ଜୀବନ-ମୃତ୍ୟୁ ସହ ଯୁଦ୍ଧ କରିଚାଲିଥିଲେ ପଙ୍କଜ ଧୀର୍ । ଟିଭି ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନୟ କରି ନିଜର ଯାଦୁ ଦେଖାଇଥିଲେ ସେ । ପଙ୍କଜଙ୍କ ଦେହାନ୍ତର ଦୁଃଖ ଭିତରୁ ଫ୍ୟାନ୍ସମାନେ ବାହାରିନଥିବା ବେଳେ ଦୀପାବଳିର ଆଲୋକ ଭିତରେ ବଲିଉଡରୁ ଆସିଥିଲା ଆଉ ଏକ ଦୁଃଖଦ ଖବର । ବଲିଉଡର ଜଣାଶୁଣା କମେଡି କିଙ୍ଗ୍ ଗୋବର୍ଦ୍ଧନ ଅସରାନିଙ୍କ ଦେହାନ୍ତ ପୂରା ସିନେ ଦୁନିଆକୁ ସ୍ତବ୍ଧ କରିଦେଲା । ବଲିଉଡରୁ ଜଣକ ପରେ ଜଣେ ଦିଗଜ କଳାକାରଙ୍କ ଦେହାନ୍ତ ଖବର ଖାଲି ସୁନେଲୀ ପରଦା ନୁହେଁ ବରଂ ସମସ୍ତ ଫ୍ୟାନ୍ସଙ୍କ ହୃଦୟକୁ ଆଘାତ ଦେଇଛି । କିଏ ହୃଦଘାତରେ ତ କିଏ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଉଛନ୍ତି । ସୋସିଆଲ ମିଡିଆରେ ସିନେପ୍ରେମୀ ଦୁଃଖ ପ୍ରକାଶ କରିବା ସହ କହୁଛନ୍ତି ଏବେ ବଲିଉଡକୁ ବୋଧେ କାହା ନଜର ଲାଗିଯାଇଛି ।

# ଦ୍ୱିତୀୟ ଥର ବାପା ହେବେ ରାମ ଚରଣ



ଦ୍ୱିତୀୟ ଥର ବାପା ହେବେ ରାମ ଚରଣ । ସାଉଥ୍ ଇଣ୍ଡଷ୍ଟ୍ରିର ପାୱାର କପଲ ଭାବେ ଜଣାଶୁଣା ଅଭିନେତା ରାମ ଚରଣ ଏବଂ ପତ୍ନୀ ଉପାସନା କୋନିଡେଲା ଖୁବ୍ ଶୀଘ୍ର ଦ୍ୱିତୀୟ ଥର ପାଇଁ ପିତାମାତା ହେବାକୁ ଯାଉଛନ୍ତି । ଏହି ଦମ୍ପତି ସେମାନଙ୍କର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଘୋଷଣା କରିଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଦୁହେଁ ଦୁହେଁ ଦ୍ୱିତୀୟ ଥର ପିତାମାତା ହେବେ ବୋଲି ଘୋଷଣା କରିଛନ୍ତି । ଇନଷ୍ଟାରେ ଉପାସନା ଓ ରାମ ବେବି ସାୱାରର ଭିଡିଓ ସେୟାର କରି ନିଜ ପ୍ରଶଂସକଙ୍କ ପାଖରେ ଖୁସି ଖବର ପହଞ୍ଚାଇଛନ୍ତି । ଭିଡିଓରେ ଉପାସନା ଓ ରାମଚରଣଙ୍କ ବ୍ୟତୀତ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ନଜର ଆସିଛନ୍ତି । ସମସ୍ତଙ୍କ ମୁହଁରେ ହସ ଦେଖିବାକୁ ମିଳିଛି । ଭିଡିଓ ଭାଇରାଲ ହେବା ପରେ ଏବେ ଦୁହିଁଙ୍କ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଦେବା ଆରମ୍ଭ କରିଛନ୍ତି । ରାମ ଚରଣ ଏବଂ ଉପାସନା ଦ୍ୱିତୀୟ ଥର ପାଇଁ ପିତାମାତା ହେବାକୁ ଯାଉଛନ୍ତି । ଦୁଇ ବର୍ଷ ପୂର୍ବେ, ଏହି ଦମ୍ପତି ୨୦୨୩ ମସିହାରେ ଏକ କନ୍ୟା ସନ୍ତାନଙ୍କୁ ସ୍ୱାଗତ କରିଥିଲେ । ୨୦୧୨ ମସିହାରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ୧୩ ବର୍ଷର ବିବାହ ପରେ, ରାମ ଚରଣ ଏବଂ ଉପାସନା ଦ୍ୱିତୀୟ ଥର ପାଇଁ ପିତାମାତା ହେବାକୁ ଯାଉଛନ୍ତି ।

# ସୁନ୍ଦର ନାଟକ ସମସ୍ତଙ୍କ ମନଛୁଆଁ ହୋଇ ପାରିବ: ମହେଶ୍ୱର ନାୟକ



କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଯିଏ ସବୁବେଳେ ଆଲୋଚନା କରିଥାନ୍ତି ସେ ହେଉଛନ୍ତି ସମସ୍ତଙ୍କର ପ୍ରିୟ ମଣିଷ ମହେଶ୍ୱର ନାୟକ । ଭଦ୍ରକର ବନ୍ଧଗାଁ ଗ୍ରାମରେ ୧୯୮୧ ମସିହାରେ ଶ୍ରୀ ନାୟକ ଜନ୍ମ ଗ୍ରହଣ କରନ୍ତି । ବର୍ତ୍ତମାନ ମହେଶ୍ୱର ନାୟକ ଶିକ୍ଷକ ଚାକିରି କରିଛନ୍ତି ଓ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଇ ଉପଯୁକ୍ତ ମଣିଷ କରିପାରିଛନ୍ତି ।ଶ୍ରୀ ନାୟକ ଙ୍କ ପିତାଙ୍କ ନାମ ମହେନ୍ଦ୍ର ନାୟକ ଓ ମାତାଙ୍କ ନାମ ଅପର୍ଣ୍ଣା ନାୟକ । ପତ୍ନୀ ସାବିତ୍ରୀ ନାୟକ, ପୁତ୍ର ଶୁଭ୍ରାଂଶୁ ଶୁଭ୍ରଜିତ ଓ କନ୍ୟା ସୌମ୍ୟା ସୁହାଗିନିଙ୍କୁ ନେଇ ତାଙ୍କର ସୁଖ ଦୁଃଖର ସଂସାର ରଥ ଗଡି ଚାଲିଛି । ଆଜିର ନାଟକ ସମ୍ପର୍କରେ ଶ୍ରୀ ନାୟକ କୁହନ୍ତି ସୁନ୍ଦର ନାଟକ ହିଁ ସମସ୍ତଙ୍କ ମନଛୁଆଁ ହୋଇ ପାରିବ । ଏଥିପାଇଁ ମୌଳିକ କାହାଣୀର ଆବଶ୍ୟକତା ରହିଛି । ଜଣେ ଭଲ ଆଦର୍ଶ ଶିକ୍ଷକ, ଭଲ ମଣିଷ ଓ ସଫଳ କବି ଭାବରେ ବଞ୍ଚିବା ପାଇଁ ଶ୍ରୀ ନାୟକଙ୍କର ଭବିଷ୍ୟତ ଲକ୍ଷ୍ୟ ରହିଛି । ଶ୍ରୀ ନାୟକ ଯେଉଁ ନାଟକରେ ଅଭିନୟ କରିଛନ୍ତି ସେଗୁଡିକ ମଧ୍ୟରେ ରହିଛି କିଏ ଯୋଡ଼ିଦେବ ଭଙ୍ଗା ଚୁଡ଼ିକୁ, ମୁଁ ବିଶୁ ମହାରଣା କହୁଛି, ଜୀଅନ୍ତା ଶବ । ଓଡ଼ିଶାର ଯାତ୍ରା ଜଗତର ଭଲ ନାଟକକୁ ଅଧିକାଂଶ ସମୟରେ ଶ୍ରୀ ନାୟକ ଆଲୋଚନା କରନ୍ତି । ବିଶିଷ୍ଟ ନାଟ୍ୟକାର ଡକ୍ଟର ରମେଶ ପାଣିଗ୍ରାହୀ, ଡକ୍ଟର୍ ବିଜୟ ଶତପଥୀ, ଅନନ୍ତ ଓଝା, ଡକ୍ଟର ସୁଧାଂଶୁ ନାୟକ, ଇଂ ଆଶୁତୋଷ ମହାପାତ୍ର ପ୍ରମୁଖ ଙ୍କୁ ଶ୍ରୀ ନାୟକ ଅଧିକ ପସନ୍ଦ କରନ୍ତି । ଶ୍ରୀ ନାୟକ ଗୋଟିଏ ନାଟକ ପୁସ୍ତକ ରଚନା କରିଛନ୍ତି, ଯାହାର ନାମ ରହିଛି ମିଛ ବାହାଘର । ଶ୍ରୀ ନାୟକ ଆଲୋଚନା କରନ୍ତି ଓଡ଼ିଆ ସିନେମା, ଯାତ୍ରା ନାଟକ, ସଙ୍ଗୀତ,ସାହିତ୍ୟ, ସଂସ୍କୃତି, ସମାଜସେବା, ଶିକ୍ଷା ଓ ଆଧାତ୍ମିକ ତତ୍ତ୍ୱ ର କଥା । ଶ୍ରୀ ନାୟକଙ୍କ ପ୍ରିୟ ଲେଖକ ଲେଖିକା ହେଉଛନ୍ତି କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର, ବ୍ୟାସ କବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଜାତୀୟ କବି ବାଞ୍ଛାନିଧି ମହାନ୍ତି,ବିଶିଷ୍ଟ ସାହିତ୍ୟିକ ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, କବି ସଚ୍ଚି ରାଉତରାୟ, କବି ମାୟାଧର ମାନସିଂହ,କବି ରମାକାନ୍ତ ରଥ, ଗାଳ୍ପିକ ମନୋଜ ଦାସ । ବିଶିଷ୍ଟ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି,ଭିକାରୀ ବଳ, ଶାନ୍ତିଲତା ବାରିକ୍, ନମିତା ଅଗ୍ରୱାଲ,ଚିତ୍ତ ଜେନା, ଅରବିନ୍ଦ ମୁଦୁଲି, ସୁବାସ ଦାସ ଙ୍କୁ ଶ୍ରୀ ନାୟକ ଅଧିକ ପସନ୍ଦ କରନ୍ତି । ଓଡିଆ ଭାଷାକୁ ସମସ୍ତେ ଗୁରୁତ୍ୱ ଦେବା ଉଚିତ୍ ଓ ଓଡିଆ ଭାଷା ତଥା ଓଡିଆ ସାହିତ୍ୟର ଉନ୍ନତି ପାଇଁ ସମସ୍ତଙ୍କର ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ନାୟକ ମତ ପ୍ରକାଶ କରନ୍ତି । ଇଶ୍ୱରଙ୍କ କୃପାରୁ ଶ୍ରୀ ନାୟକଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ ।

ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଓଡ଼ିଆ ସିନେମା ‘ଜହ୍ଲାଦ’ରେ ଆଇଟମ୍ ଗାର୍ଲ ବନିଲେ ନିଶା ମହାରଣା: ସରିଲା ସୁଟିଂ, ସାମ୍ନାକୁ ଆସିଲା ଫଟୋ




ଓଡ଼ିଆ ସିନେମାରେ ଆଇଟମ୍ ଗାର୍ଲ ବନିଲେ ନିଶା ମହାରଣା । ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଚର୍ଚ୍ଚାରେ ଥିବା ନିଶା ଖୁବ୍ ଶୀଘ୍ର ବଡ଼ ପରଦାରେ ଲଗାଇବେ ନିଆଁ । ଆଜ୍ଞା ହଁ, ମୁକ୍ତି ପ୍ରତୀକ୍ଷିତ ଏକ ଓଡ଼ିଆ ଛବିରେ ନିଶା ଏକ ଆଇଟମ୍ ନମ୍ବରରେ ନାଚିଛନ୍ତି । ନିକଟରେ ଏହାର ସୁଟିଂ କଳିଙ୍ଗ ଷ୍ଟୁଡିଓ ପରିସରରେ ଶେଷ ହୋଇଛି । ଆଉ ଯେଉଁ ସିନେମାରେ ନିଶା ମହାରଣାଙ୍କର ଏହି ଆଇଟମ୍ ନମ୍ବରଟି ରହିଛି, ତାହା ହେଲା ଅଶୋକ କୁମାର ନାୟକଙ୍କ ପ୍ରଯୋଜିତ ତଥା ପ୍ରସନ୍ନ କୁମାରଙ୍କ ନିର୍ଦ୍ଦେଶିତ ‘ଜହ୍ଲାଦ’ । ନିଶାଙ୍କ ଉପରେ ପିକ୍ଚରାଇଜ୍ ହୋଇଥିବା ଆଇଟମ୍ ନମ୍ବରର ମୁଖଡ଼ା ହେଲା-ଟୋକାବୁଢା ସମସ୍ତେ କହନ୍ତି ମୁଁ ସେକ୍ସି ସନ୍ନି ଲଓନି... । ଏହି ଗୀତଟିରେ କଣ୍ଠଦାନ କରିଛନ୍ତି ଟୁଇଙ୍କିଲ୍ ଟୁଇଙ୍କିଲ୍ ଲିଟିଲି ଷ୍ଟାର୍ ହୋଲ୍ ନାଇଟି ଖୋଲା ମୋ ବାର୍ ( ଫିଲ୍ମ- ଲଭ୍ ଷ୍ଟେସନ୍) ଫେମ୍ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ସଞ୍ଜୁ ମହାନ୍ତି । ଏହାର ଗୀତିକାର ହେଲେ ଜଣାଶୁଣା ସଂଳାପକାର ତଥା ଗୀତିକାର ଭାବ ବିନୋଦ ମହାପାତ୍ର । ନବାଗତା ଏସ୍.ବି ସ୍ମୃତି ଏହି ଆଇଟମ୍ ଗୀତର ସ୍ୱର ସଂଯୋଜନା କରିଛନ୍ତି । ଏହି ଗୀତର ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଜୟ କୁମାର ବେହେରା । ନିଶା ମହାରଣାଙ୍କର ଏହି ଆଇଟମ୍ ନମ୍ବରରେ ଜଣାଶୁଣା ହାସ୍ୟାଭିନେତା ସନ୍ତୁ ନିଜେ ଓ ଦୁର୍ଯ୍ୟୋଧନ ମୁଦୁଲି(ଟୁନା)ଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଏହା ଓଡ଼ିଆ ସିନେପ୍ରେମୀଙ୍କ ପାଇଁ ଏକ ଚମକପ୍ରଦ ଖବର । ବହୁଚର୍ଚ୍ଚିତା ନିଶା ମହାରଣାଙ୍କୁ ଯାତ୍ରାପ୍ରେମୀ ମଞ୍ଚରେ ଦେଖି ଉତ୍ଫୁଲିତ ହୋଇଛନ୍ତି । ‘ଜହ୍ଲାଦ’ ଜରିଆରେ ସେ ଓଲିଉଡରେ ଡେବ୍ୟୁ କରିଛନ୍ତି । ତେବେ ଜଣେ ଆଇଟମ୍ ଗର୍ଲ ଭାବେ ସେ ବଡ଼ ପରଦାରେ ନଜର ଆସିବେ । ନିଶା ମହାରଣା ନିଜର ଇମେଜ୍ ବଦଳାଇବା ଲାଗି ଏବଂ ଓଲିଉଡରେ ଅଭିନୟ ଲାଗି ଏହି ଆଇଟମ୍ ନମ୍ବର କରିବାକୁ ରାଜି ହୋଇଥିବା ଜଣାଯାଇଛି । ଡକ୍ଟର ଜନ୍ମେଜୟ ପଣ୍ଡାଙ୍କ କାହାଣୀକୁ ଆଧାର କରି ନିର୍ମାଣାଧୀନ ଏହି ଚଳଚ୍ଚିତ୍ରରେ ପ୍ରେମ୍, ଶୁଭଶ୍ରୀ, ସନ୍ତୁ ନିଜେ ଓ ଦେବୀଦତ୍ତ ନନ୍ଦଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ ।



# ନବମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ: ଜିଲ୍ଲା ପରିଷଦ ଅଧିନସ୍ଥ ବିଭିନ୍ନ ବିଭାଗୀୟ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା

ବାରିପଦା, ୨୩/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପରିଷଦର ୯ମ ଜିଲ୍ଲା ପରିଷଦ ବୈଠକ ଆଜି ପୂର୍ବାହ୍ନ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପରିଷଦର ଅଧକ୍ଷା ଭାରତୀ ହାଁସଦାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ଓଡିଶା ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ା. କୃଷ୍ଣ ଚନ୍ଦ୍ର ମହାପାତ୍ର,ମୟୂରଭଞ୍ଜ ଲୋକ ସଭା ସାଂସଦ ନବ ଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଧାୟକ ସାରସକଣା ଭାଦବ ହାଁସଦା, ବିଧାୟକ ବଡ଼ସାହି ସନାତନ ବିଜୁଳି, ବିଧାୟକ ରାଇରଙ୍ଗପୁର ଜଲେନ ବାରଦା, ଜିଲ୍ଲା ପରିଷଦ ଉପସଭାପତି ବିପିନ ସିଂ ବାଦରା, ମୟୂରଭଞ୍ଜ ଜିଲ୍ଲପାଳ ହେମ କାନ୍ତ ସୟ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଜିଲ୍ଲା ପରିଷଦର ସଦସ୍ୟ/ ସଦସ୍ୟା, ଫଂଚାୟତ ସମିତି ଅଧକ୍ଷ/ଅଧକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଜିଲ୍ଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରେ କାଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ର ଅଗ୍ରଗତି ଓ ସ୍ଥିତି ସମ୍ପର୍କ ରେ ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଏହାପରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଜିଲ୍ଲାରେ ତ୍ରିସ୍ତରୀୟ ଫଂଚାୟତ ବ୍ୟବସ୍ଥାକୁ ସୁଦୃଢ ଓ ସଶକ୍ତ କରିବା ସହ ବିଭିନ୍ନ ବିଭାଗୀୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡିକ ଆଗେଇ ନେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ ବୈଠକ ପରିଚାଳନା କରିଥିଲେ । ମନ୍ତ୍ରୀ ତା'ଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜିଲ୍ଲାରେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରି ହେଉଥିବା ଜନକଲ୍ୟାଣ ଯୋଜନାରେ କୌଣସି ଜଣେ ବି ଯୋଗ୍ୟ ହିତାଧିକାରୀ ଯେମିତି କୌଣସି ଯୋଜନାରୁ ବଂଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ପରିଷଦ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଗତ ଜିଲ୍ଲା ପରିଷଦ ବୈଠକରେ ସଭ୍ୟସଭ୍ୟାମାନଙ୍କ ଦ୍ୱାରା ଉତଥାପିତ ଆପତ୍ତି ଅଭିଯୋଗ ଓ ପ୍ରସ୍ତାବ ଆଦି ବିଷୟ କ୍ରମରେ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅନୁପାଳନ ବିବରଣୀ ଉପରେ ସମୀକ୍ଷା ମୂଳକ ଆଲୋଚନା ପୂର୍ବକ ଦୃଢ଼ୀକରଣ କରାଯାଇଥିଲା ।

ତତ୍ପରେ ବୈଠକ ରେ ବିଶେଷ କରି କୃଷି ବିଭାଗ ଅଧିନସ୍ଥ ଚଳିତ ଖରିପ ଋତୁରେ ଧାନ-ଅଣଧାନ ଚାଷ ପରିମାଣ, ୟୁରିଆ ସାର ବଣ୍ଟନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଶ୍ରୀ ଅନ୍ନ ଅଭିଯାନ, ମାଣ୍ଡିଆ ଜାତୀୟ ଚାଷ, ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଣ, ଚାଷୀ ପଞ୍ଜିକରଣ, ଫସଲ ବୀମା, ସି ଏମ କିଷାନ ଓ ପି ଏମ କିଷାନ ଯୋଜନାରେ ହିତାଧିକାରୀ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିବା ବେଳେ ଉଦ୍ୟାନ କୃଷି ଅଧିନସ୍ଥ ଖରିପ ଋତୁ ରେ କାର୍ଯ୍ୟ କାରି ହେଉଥିବା ଜାତୀୟ ଉଦ୍ୟାନ କୃଷି ମିଶନ, ସମ୍ବନ୍ଵିତ କୃଷି ବିକାଶ ମିଶନ, ଜାତୀୟ ତାଳ ତେଲ ମିଶନ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସ୍ୱତନ୍ତ୍ର ଉଦ୍ୟାନ କୃଷି ଭିତ୍ତିକ ଫସଲ ଯୋଜନା, ଆଳୁ, ପନିପରିବା ଓ ମସଲା ଜାତୀୟ ଫସଲ ଯୋଜନା, ଇନପୁଟ ସହାୟତା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଶୀତଳ ଭଣ୍ଡାର ପାଇଁ ବିଦ୍ୟୁତ ଶୁଳ୍କ ଉପରେ ରିହାତି/ସବସିଡି ଇତ୍ୟାଦି ରେଶମ ଶିଳ୍ପ ଅଧୀନରେ କାର୍ଯ୍ୟକାରି ହେଉଥିବା ବିଭିନ୍ନ ଯୋଜନା, ସାଧାରଣ ବଣ୍ଟନ ବିଭାଗ ଅଧୀନରେରେ ଜାତୀୟ ଖାଦ୍ୟ ସୁରକ୍ଷାରେ ହିତାଧିକାରୀ, ରାଜ୍ୟ ଖାଦ୍ୟ ସୁରକ୍ଷାରେ ହିତାଧିକାରୀ, ରାସନ କାର୍ଡ ବଣ୍ଟନ, ଖରିପ ଋତୁରେ ଏଫ ଏ କ୍ୟୁ ଧାନ ସଂଗ୍ରହ, ଚାଷୀ ପଞ୍ଜିକରଣ ଇତ୍ୟାଦି ଶିକ୍ଷା ବିଭାଗ ଅଧିନସ୍ଥ ନିପୁଣ ଓଡିଶା, ବାଳିକା ଶିକ୍ଷା ସମ୍ବନ୍ଵିତ ଶିକ୍ଷା (ଭିନ୍ନକ୍ଷମ ପିଲାଙ୍କ ପାଇଁ), ମଧାହ୍ନ ଭୋଜନ, ମେଧା ବୃତ୍ତି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଅଧିନସ୍ଥ ଆବାସିକ ଆଶ୍ରମ ବିଦ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା ଇତ୍ୟାଦି, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ଅଙ୍ଗନବାଡି କେନ୍ଦ୍ରର ସଂଖ୍ୟା, ବର୍ତ୍ତମାନର ସ୍ଥିତି, ମମତା ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା, ସୁଭଦ୍ରା ହିତାଧିକାରୀ, ପରିପୂରକ ପୃଷ୍ଟି ଯୋଜନା, ମିଶନ ଶକ୍ତି, ପାରିବାରିକ ହିଂସା ଆଇନର କାର୍ଯ୍ୟକାରିତା ଇତ୍ୟାଦି ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ,ଯୋ ବନ୍ଧନ ଯୋଜନାରେ ଚିହ୍ନଟି କରଣ ସ୍ଥିତି, ନିରାମୟ ଯୋଜନାରେ ଔଷଧ ଯୋଗାଣ, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଭିତ୍ତି ଭୂମିର ବିକାଶ ଆଦି ବିଭିନ୍ନ ଯୋଜନା ଅନ୍ତର୍ଗତ ଉନ୍ନୟନ ଓ ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

ଆଲୋଚନା ପ୍ରସଙ୍ଗ କ୍ରମରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ଫଂଚାୟତ ସମିତି ଅଧକ୍ଷ- ଅଧକ୍ଷା ମାନଙ୍କ ଦ୍ୱାରା ଗୃହରେ ଉପସ୍ଥାପିତ ଆପତ୍ତି ଅଭିଯୋଗ ତଥା ଗଠନ ମୂଳକ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟାନ୍ୟ କିଛି ଆପତ୍ତି ଅଭିଯୋଗ ସମ୍ପର୍କ ରେ ଅନୁଧାନ କରି କ୍ଷେତ୍ର ପରିଦର୍ଶନ ପୂର୍ବକ ତଥ୍ୟ ଆହୋରଣ କରି ଆବଶ୍ୟକ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରିଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଚିଣ୍ଡା ଉପଖଣ୍ଡ ଚାଷୀଙ୍କ ପକ୍ଷରୁ ଧାନ ଦରବୃଦ୍ଧି ଓ ଅଖାବସ୍ତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ସମ୍ବଲପୁର, ୨୩/୧୦ (ନି.ପ୍ର): ଚଳିତ ଖରିପ ଋତୁରେ ଅଣଜଳସେଚିତ ଅଂଚଳରେ ଧାନ ସଂଗ୍ରହ ସମ୍ପର୍କରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ସମସ୍ତ ଚାଷୀ ଆଜି କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଲିଖିତ ଦାବିପତ୍ରରେ ଦୁଇଟି ପ୍ରମୁଖ ପ୍ରସ୍ତାବରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ପାଇଁ ଏହି ଅଂଚଳର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ପାଇଁ ନିବେଦନ କରିଥିବା ବେଳେ ଚାଷୀଙ୍କ ପକ୍ଷରୁ ୨ ଗୋଟି ପ୍ରସ୍ତାବ ରଖାଯାଇଛି । ପ୍ରଥମରେ ଚଳିତ ବର୍ଷ ଅଂଚଳରେ ଭଲ ବର୍ଷା ହୋଇଥିବା ହେତୁ ଧାନଚାଷ ଉତ୍କୃଷ୍ଟ ମାନର ଅମଳ ହେଉଛି । ଏଣୁ ବିଗତ ବର୍ଷ ଧାନ ବିକ୍ରିପାଇଁ କାର୍ଡ କୁଇଂଟାଲ ପ୍ରତି ୧୩ ପରିବର୍ତ୍ତେ ଅନ୍ୟୁନ ୧୯ କୁ ବୃଦ୍ଧି କରାଯାଉ । ସେହିପରି ଦ୍ୱିତୀୟରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ସୁତୁଲି ବସ୍ତା ଯୋଗାଣକୁ ବାଧତା ମୂଳକ କରାଯାଉ । ଏହାର ଏକ ନକଲ ଯୋଗାଣମନ୍ତ୍ରୀ ଓଡିଶା, ଫଂଚାୟତୀରାଜ ଓ ପାନୀୟଜଳ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡିଶା, ଜିଲ୍ଲାପାଳ ସମ୍ବଲପୁର ଓ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଚାଷୀଙ୍କ ପକ୍ଷରୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ କୃଷକ ସଂଗଠନ ସଭାପତି ଜମନକିରାର ବୀରେନ୍ଦ୍ର କୁମାର ଚୌଧୁରୀ, ଚାଷୀ ସରୋଜ କୁମାର ପଟେଲ, ଚୂଡ଼ାମଣି ପଟେଲ, ଦିଲୀପ କୁମାର ପଟେଲ, ପ୍ରତାପ କୁମାର ଦେହୁରୀ, ଟିକେଶ୍ୱର ମହାକୁଳ, କିଶୋର କୁମାର ମହାପାତ୍ର, ହୃଦାନନ୍ଦ ନାଏକ, ସରୋଜ କୁମାର ପ୍ରଧାନ ପ୍ରମୁଖ ଅନେକ ଚାଷୀ ଉପସ୍ଥିତ ଥିଲେ ।

# ଶ୍ରୀ ଶ୍ରୀ ଶ୍ରୀ ମା' ଦକ୍ଷିଣ କାଳୀଙ୍କ ପୀଠରେ ପୂଜା ଅତି ଆଡ଼ମ୍ବରରେ ପାଳିତ

କନ୍ଧମାଳ, ୨୩/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସହର ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ମା ଦକ୍ଷୀଣ କାଳୀଙ୍କ ପିଠ ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ରାତ୍ରି କାଳୀନ ପୂଜା କରାଯାଇଛି। ପୂଜକ ସୁଦାମ ପାଢ଼ୀ ପୂଜା କାର୍ଯ୍ୟ ଆରମ୍ଭ କରିଥିବାବେଳେ କର୍ତ୍ତା ଭାବରେ ଅମରେଶ ପ୍ରସାଦ ବସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ପଣ୍ଡା, ରାଜ ଶେଖର ସାହୁ, ମନ୍ଦିର ପୂଜକ ସାଇ, ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସକାଳୁ ମାଆଙ୍କ ପ୍ରଭାତ ପୂଜା ପରେ ପରେ ମାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ଜମିଥିବାର ଦେଖିବାକୁ ମିଳିଥିଲା। ସେହି କ୍ରମରେ ଦିନ ତମାମ ଏବଂ ରାତ୍ରିରେ ମଧ ଭକ୍ତଙ୍କ ଜନ ସମାଗମ ହୋଇ ମାଙ୍କ ମଧ୍ୟରାତ୍ର ପୂଜା ସମାପନ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ନିର୍ମଳେନ୍ଦୁ ତ୍ରିପାଠୀ,ସମ୍ପାଦକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଉପଦେଷ୍ଟା ପ୍ରଦୀପ ପଣ୍ଡା, ଅଜିତ ମହାରଣାଙ୍କ ସମେତ ସଦସ୍ୟ ବାବୁ ଭାଇନା, ଆଦିତ୍ୟ ପ୍ରସାଦ ତ୍ରିପାଠୀ ଅଶ୍ୱିନ କର, ରିଟୁ, ଆଶିଷ, ଲିଟୁ ଓ ଅନ୍ୟମାନେ ପୂଜା କାର୍ଯ୍ୟରେ ସହଯୋଗ କରି ପୂଜା କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।


# କୁଚିଣ୍ଡା ଉପଖଣ୍ଡ ଚାଷୀଙ୍କ ପକ୍ଷରୁ ଧାନ ଦରବୃଦ୍ଧି ଓ ଅଖାବସ୍ତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ସମ୍ବଲପୁର, ୨୩/୧୦ (ନି.ପ୍ର): ଚଳିତ ଖରିପ ଋତୁରେ ଅଣଜଳସେଚିତ ଅଂଚଳରେ ଧାନ ସଂଗ୍ରହ ସମ୍ପର୍କରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ସମସ୍ତ ଚାଷୀ ଆଜି କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଦାବିପତ୍ରରେ ଦୁଇଟି ପ୍ରମୁଖ ପ୍ରସ୍ତାବରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ପାଇଁ ଏହି ଅଂଚଳର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ପାଇଁ ନିବେଦନ କରିଥିବା ବେଳେ ଚାଷୀଙ୍କ ପକ୍ଷରୁ ୨ ଗୋଟି ପ୍ରସ୍ତାବ ରଖାଯାଇଛି। ପ୍ରଥମରେ ଚଳିତ ବର୍ଷ ଅଂଚଳରେ ଭଲ ବର୍ଷା ହୋଇଥିବା ହେତୁ ଧାନଚାଷ ଉତ୍କୃଷ୍ଟ ମାନର ଅମଳ ହେଉଛି, ଏଣୁ ବିଗତ ବର୍ଷ ଧାନ ବିକ୍ରିପାଇଁ କାର୍ଡ କ୍ୟୁଂଟାଲ ପ୍ରତି ୧୩ ପରିବର୍ତ୍ତେ ଅନ୍ୟୁନ ୧୯କୁ ବୃଦ୍ଧି କରାଯାଉ। ସେହିପରି ଦ୍ୱିତୀୟରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ସୁତୁଲି ବସ୍ତା ଯୋଗାଣକୁ ବାଧତା ମୂଳକ କରାଯାଉ। ଏହାର ଏକ ନକଲ ଯୋଗାଣମନ୍ତ୍ରୀ ଓଡିଶା, ଫଂଚାୟତୀରାଜ ଓ ପାନୀୟଜଳ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡିଶା, ଜିଲ୍ଲାପାଳ ସମ୍ବଲପୁର ଓ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଚାଷୀଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୃଷକ ସଂଗଠନ ସଭାପତି ଜମନକିରାର ବୀରେନ୍ଦ୍ର କୁମାର ଚୌଧୁରୀ, ଚାଷୀ ସରୋଜ କୁମାର ପଟେଲ, ଚୂଡ଼ାମଣି ପଟେଲ, ଦିଲୀପ କୁମାର ପଟେଲ, ପ୍ରତାପ କୁମାର ଦେହୁରୀ, ଟିକେଶ୍ୱର ମହାକୁଳ, କିଶୋର କୁମାର ମହାପାତ୍ର, ହୃଦାନନ୍ଦ ନାଏକ, ସରୋଜ କୁମାର ପ୍ରଧାନ ପ୍ରମୁଖ ଅନେକ ଚାଷୀ ଉପସ୍ଥିତ ଥିଲେ।


# ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ଭବାନୀପାଟଣା, ୨୩/୧୦ (ନି.ପ୍ର): ତମାଖୁ ସେବନ ଅଧିକାଂଶ ଅଣୁ ସଂକ୍ରାମକ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ। ତମାଖୁ ବର୍ଜନ ଆଜିର ଯୁବପିଢି ପାଇଁ ଆହ୍ୱାନ୍। ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ ଙ୍କ ଅଧକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ତମାଖୁ ମୁକ୍ତ ସମାଜ ଓ ଜିଲ୍ଲା ଗଠନ ସମ୍ପର୍କରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଶେଷ କରି ଛାତ୍ରଛାତ୍ରୀ, ଯୁବପିଢି କିପରି ସଚେତନ ହୋଇ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବେ ସେ ସମ୍ପର୍କରେ ବିଶେଷକରି ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଅବକାରୀ, ପୋଲିସ ବିଭାଗ ଓ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ତମାଖୁ ଓ ଏହାର କୁପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ତମାଖୁ ମୁକ୍ତ ବିଦ୍ୟାଳୟ, ଗ୍ରାମ ଗଠନ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ପଥପ୍ରାନ୍ତ ନାଟକ, ୱାଲ ପେଣ୍ଟିଙ୍ଗ, ସଚେତନତା ଶୋଭାଯାତ୍ରା, ଡାକବାଜି ଜନ୍ତ୍ର ଦ୍ୱାରା ପ୍ରଚାର, ସ୍କୁଲ କଲେଜ ରେ ସଭାସମିତି ଇତ୍ୟାଦି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ସ୍ୱାସ୍ଥ୍ୟ ଉପରେ ତମାଖୁ ର କୁପ୍ରଭାବ ବିଶ୍ୱରେ ଚିନ୍ତାର କାରଣ ହୋଇଅଛି। ତମାଖୁ ସେବନ ଦ୍ୱାରା ସାରା ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଥାନ୍ତି। ତମାଖୁ ସେବନ ଦ୍ୱାରା ଭାରତ ବର୍ଷରେ ପ୍ରତିବର୍ଷ କର୍କଟ, ହୃଦରୋଗ, ଶ୍ୱାସ ଜନିତ ରୋଗ, ମଧୁମେହ, ମସ୍ତିଷ୍କାଘାତ ଆଦି ରୋଗରେ ପଡି ୨୮ ଲକ୍ଷରୁ ଉର୍ଦ୍ଧ ବ୍ୟକ୍ତି ମୃତ୍ୟୁମୁଖରେ ପଡିଥାନ୍ତି। ତମାଖୁ ଧୂଆଁରେ ୭ ହଜାର ରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥିରୁ ୬୯ଟି କର୍କଟ ରୋଗର କାରଣ ଅଟେ। ଧୂମହିନ୍ ତମାଖୁରେ ୩ ହଜାର ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥି ମଧ୍ୟରୁ ୨୮ ଟି କର୍କଟ ରୋଗର କାରଣ ଅଟେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ରେ ତମାଖୁ ମୁକ୍ତ ଅଭିଯାନ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ତମାଖୁ ମୁକ୍ତ ଯୁବା ଅଭିଯାନ ୩.୦ ଓଡିଶା ଆସନ୍ତା ଡିସେମ୍ବର ୯,୨୦୨୫ ପର୍ଯ୍ୟନ୍ତ ଚାଲିବ। ଡି.ପି.ଏମ୍. ଦିଲୀପ ଦୁବେ କାର୍ଯ୍ୟକ୍ରମ ର ପରିଚାଳନା କରିଥିବାବେଳେ ଏଥିରେ ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, ସହକାରୀ ଜିଲ୍ଲା ଶିକ୍ଷା ଅଧିକରୀ ହେମସାଗର ମହାନନ୍ଦ, ଏ.ଡି.ପି.ଏଚ.ଓ. (ଲେପରୋସି) ଡ଼ା. ଟୁଡୁ, ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧର୍ମେନ୍ଦ୍ର ତାଣ୍ଡି, ସହକାରୀ ପରିଚାଳକ (ଏନ୍.ସି.ଡି.) ସଂଯୁକ୍ତା ବାଗ, ଏଫ୍.ଏସ୍.ଓ. ସନ୍ତୋଷ କୁମାର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

# ଆଜିଠୁ ୪୧ତମ ରାଜ୍ୟ ଦନ୍ତରୋଗ ଚିକିତ୍ସକ ସମ୍ମିଳନୀ

ବଲାଙ୍ଗୀର, ୨୩/୧୦ (ନି.ପ୍ର): ଆସନ୍ତା ଅକ୍ଟୋବର ୨୪ରୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ର ସମ୍ମିଳନୀ କକ୍ଷରେ ୪୧ତମ ରାଜ୍ୟ ଦନ୍ତରୋଗ ଚିକିତ୍ସକ ସମ୍ମିଳନୀ ଅନୁଷ୍ଠିତ ହେବ। ଏନେଇ ଇଣ୍ଡିଏନ ଡେଂଟାଲ୍ ଏସୋସିଏସନ ବଲାଙ୍ଗୀର ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ବଲାଙ୍ଗୀରରେ ପ୍ରଥମ ଥର ହେବାକୁ ଥିବା ଏହି ସମ୍ମିଳନୀର ଦ୍ୱିତୀୟ ଦିନ ୨୫ ତାରିଖ ସନ୍ଧ୍ୟାରେ ଭୀମ ଭୋଇ ମେଡିକାଲ କଲେଜ ଡିନ ଡା. ସ୍ୱୟଂପ୍ରଭା ପ୍ରଧାନଙ୍କ ଉପସ୍ଥିତିରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଦଘାଟନ କରିବେ।

# ଜରିପାଲ ତଳେ ବିତୁଛି ଶୈଶବ: ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଆରମ୍ଭର ୪ବର୍ଷ ପରେ ହେଉନାହିଁ ଶେଷ

ଭଦ୍ରକ, ୨୩/୧୦ (ନି.ପ୍ର): ଏହି ଜିଲାର ଧାମରା ଅଂଚଳରେ ଏକ ଅଙ୍ଗନବାଡି କେନ୍ଦ୍ର ଦୀର୍ଘ ୪ବର୍ଷ ହେବ ନିର୍ମାଣଧୀନ ଥିବା ବେଳେ ଏହା କେବେ ଶେଷ ହେବ ଏବଂ ଏହି କେନ୍ଦ୍ରରେ ଛୋଟ ଛୋଟ କୁନୀ କୁନୀ ପିଲା ମାନେ ବସି ଖେଳିବା ସହ ପାଠ ପଢିବେ ସେ ନେଇ ଅଂଚଳବାସୀ ଚିନ୍ତା ପ୍ରକଟ କରିବା ସହ ଅଭିଯୋଗ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ନିଦା ବିଷ୍ଣୁ ସାଜିଛି। ଲିଖିତ ଅଭିଯୋଗ ଅନୁଯାଇ କଇଥଖୋଲା ପଂଚାୟତ ପୂର୍ଣ୍ଣପ୍ରସାଦ ଗ୍ରାମରେ ଥିବା ମଣ୍ଡଳ ସାହି ଠାରେ ଥିବା ଅଙ୍ଗନବାଡି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ଧୀନ ଥିବା ବେଳେ ଦୀର୍ଘ ୪ବର୍ଷ ହେବ ଏକ ଅପନ୍ତରା ସ୍ଥାନରେ ଜରିପାଲ ତଳେ କୁନୀ କୁନୀ ପିଲା ମାନେ ବସି ଖେଳିବା ସହ ପାଠ ପଢୁଥିବା ନଜରକୁ ଆସିଛି। ମାତ୍ର ଏହି ଅପନ୍ତରା ସ୍ଥାନରେ ବର୍ଷା ଦିନରେ ବସିବା ସ୍ଥାନରେ ପାଣି ଜମା ହୋଇ ରହୁଥିବା ବେଳେ ବର୍ଷା ପାଣିରେ ବିଛା ସାପ ମଧ୍ୟ ଏହି ଅସ୍ଥାୟୀ କେନ୍ଦ୍ର ମଧ୍ୟରେ ଆସର ଜମାଇ ଆସୁଛନ୍ତି। ଏହି କଥାକୁ ନେଇ ସ୍ଥାନୀୟବାସୀ ସଂପୃକ୍ତ ଅଙ୍ଗନବାଡି ଶିକ୍ଷୟତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲେ। ଏଥିସହ ସଂପୃକ୍ତ ଶିକ୍ଷୟତ୍ରୀ ବହୁ ସମୟରେ ଅଙ୍ଗନବାଡି କେନ୍ଦ୍ରରେ ଅନୁପସ୍ଥିତ ରହୁଥିବା ବେଳେ ଏହି କେନ୍ଦ୍ରକୁ ସଂପୃକ୍ତ କେନ୍ଦ୍ରରେ ପାଟିକା ଚଳାଇ ଆସୁଛନ୍ତି। ଏ ନେଇ ଅଂଚଳବାସୀ ମଧ୍ୟ ସଂପୃକ୍ତ ସିଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ନିଜ ନିଜର କୁନୀ କୁନୀ ପିଲା ମାନଙ୍କୁ ଏହି ଅଙ୍ଗନବାଡି କେନ୍ଦ୍ରକୁ ଛାଡିବା ପାଇଁ ସୁରକ୍ଷିତ ମଣୁ ନାହାନ୍ତି ଫଳରେ ଏହି କେନ୍ଦ୍ରରେ ୪୦ରୁ ଅଧିକ କୁନୀ କୁନୀ ପିଲା ଙ୍କ ଅଭିଭାବକ ଆଡମିଶନ କରିଥିଲେ ମଧ୍ୟ ଦୈନିକ ଉପସ୍ଥାପନ ୧୦ ମଧ୍ୟରେ ସିମୀତ ହୋଇ ରହୁଛି। ଅନ୍ୟ ପକ୍ଷରେ କେଉଁ ପରିସ୍ଥିତିରେ ଏହି ଅଙ୍ଗନବାଡି କେନ୍ଦ୍ର ନିର୍ମାଣଧୀନ ଅବସ୍ଥାରେ ରହି ଯାଇଛି ବୋଲି ସଂପୃକ୍ତ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏହି କାର୍ଯ୍ୟ ମନରେଗା ରେ ଅର୍ନ୍ତଭୁକ୍ତ ହୋଇ ଥିବା ବେଳେ ସଂପୃକ୍ତ ଠିକାଦାର ବିଲ ପାଇ ନଥିବାରୁ ସେ ଏହି କାର୍ଯ୍ୟ କରୁନାହାନ୍ତି ବୋଲି କହିଥିଲେ। ସଂପୃକ୍ତ ଶିକ୍ଷୟତ୍ରୀ ଜଣକ କଇଥଖୋଲା ଅଂଚଳର ହୋଇଥିବା ବେଳେ ସେ ବାସୁଦେବପୁର ଠାରେ ରହୁଥିବାରୁ ସେ ମଧ୍ୟ ସପ୍ତାହକୁ ୩-୪ ଦିନ ଏହି କେନ୍ଦ୍ରକୁ ଆସୁଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି ଏଥିସହ ପ୍ରତି ଅଙ୍ଗନବାଡି କେନ୍ଦ୍ରକୁ ଗ୍ରାମ କଲ୍ୟାଣ ସମିତିର ଅନୁଦାନ ବାର୍ଷିକ ୧୦ହଜାର ଟଙ୍କା ଅନୁଦାନ ଆସୁଥିବା ବେଳେ ସଂପୃକ୍ତ ଅର୍ଥରାଶି ହଡପ ହୋଇଥିବା ନେଇ ଅଂଚଳବାସୀ ମଧ୍ୟ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି କେନ୍ଦ୍ରର ଅଧାଗଢା ଗୃହ କାର୍ଯ୍ୟକୁ ସମାପ୍ତ କରାଯିବା ସହ ସଂପୃକ୍ତ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ନେବାକୁ ସେହି ଅଂଚଳର ସଞ୍ଜୟ ମଣ୍ଡଳ, ବିଭୁ ମଣ୍ଡଳ,ଭାଗ୍ୟଧର ମଣ୍ଡଳ, ଖୋକନ ପାତ୍ର, ମହେଶ୍ୱର ମଣ୍ଡଳ, ରାକେଶ ପାତ୍ର, ଗୁରୁପଦ ମାଇତି ପ୍ରମୁଖ ଭଦ୍ରକ ଜିଲ୍ଲାପାଳ, ଚାନ୍ଦବାଲି ବିଡିଓ ଚାନ୍ଦବାଲି ସିଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଦାୟିତ୍ୱରେ ଥିବା ସିଡିପିଓ ଏହି ବିଷୟରେ ଅଭିଯୋଗ ପାଇଛନ୍ତି ଏବଂ ତଦନ୍ତ ପରେ କାର୍ଯ୍ୟନୁଷ୍ଠାନ ନେବେ ବୋଲି ପ୍ରତିକ୍ରିୟା ମଧ୍ୟ ରଖିଥିଲେ।

# ସେନାନିବୃତ କର୍ମଚାରୀ ଫୋରମର ବୈଠକ

ଘଟଗାଁ, ୨୩/୧୦ (ନି.ପ୍ର): ରାଜ୍ୟ ଇଂଜିନିୟରିଙ୍ଗ ୱାର୍କ ଚାର୍ଜ ସେନା ବୃତି କର୍ମଚାରୀ ବୈଠକ ଘଟଗାଁ ଡାକ ବଙ୍ଗଳା ପରିସରରେ ସଭାପତି କୃଷ୍ଣ ଚନ୍ଦ୍ର ନୟାକଙ୍କ ସଭାପତିତ୍ୱରେ ଗତକାଲିଅନୁଷ୍ଠିତ ହୋଇଯାଇଛି ଏଥିରେ ପୂର୍ତ୍ତ ନଗର ଉନ୍ନୟନ. ଜଳସମ୍ପଦ. ଗ୍ରାମ୍ୟଉନୟନ. ପଂଚାୟତ ରାଜ ଓଗ୍ରାମୀଣ ଜଳ ଯୋଗାଣ ବିଭାଗର ଏବଂ ଅବସର ନେଇଥିବା କର୍ମଚାରୀମାନେ ଯୋଗ ଦେଇଥିଲେ। ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା ଅନୁସାରେ ଇଂଜି ନିୟରଙ୍ଗ ବିଭାଗରେ ୱାର୍କ ଚାର୍ଜ କିମ୍ବା ନିୟମିତ କର୍ମଚାରୀଙ୍କ ଚାକିରିକାଳ ହିସାବକୁ ନେଇ ପେନସନ ସହ ଗ୍ରାଚ୍ୟୁଇଟି ପାଇଁ ଦାବୀ କରାଯାଇଛି। ସରକାର ଏହାକୁ କାର୍ଯ୍ୟକ୍ରମ କରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ପେନସନ ପାଇଁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଆଇନ ବିଭାଗ ଓ ସମସ୍ତ ଇଂଜିନିୟରିଙ୍ଗ ବିଭାଗର. ମନ୍ତ୍ରୀ ଓ ସଚିବ ମାନଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ସେନାବୃତ କର୍ମଚାରୀମାନେ ନଭେମ୍ବର ମାସରେ ଭୁବନେଶ୍ୱର ରେ ମହା ସମାବେଶ ପାଇଁ ପ୍ରସ୍ତୁତ ଫୋରମର ମୁଖ୍ୟ ସୂଚନା ଦେଇଛନ୍ତି ଫୋରମର ମୁଖ୍ୟ ସଂଯୋଜକ ରଣଜିତ ମହାନ୍ତି ନଗର ଉନୟନ ବିଭାଗ କର୍ମଚାରୀ ସଙ୍ଘ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସମ୍ପଦକ ଅଶୋକ କୁମାର ମୁଦିଲୀ ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଙ୍ଘ ସମ୍ପାଦକ ଚିତରଞ୍ଜନ ମହାରଣା ଜଳ ସମ୍ପଦ ବିଭାଗ କର୍ମଚାରୀ ସଙ୍ଘ ପ୍ରସନ କୁମାର ପ୍ରଧାନ ସମ୍ମାନ ସମ୍ପାଦକ ଅଜିତ କୁମାର ଦାସ ପୂର୍ତ୍ତ ବିଭାଗ ସଂଗଠକ କପିଳେଶ୍ୱର ବାରିକ କଲ୍ୟାଣ ମହାରଣା ବୈଲୋଚନ ସାହୁ ନିର୍ମଳ ବେଜ କଳାକାର ସାହୁ ଶାନ୍ତନୁ କୁମାର ମହନ୍ତ ଗୋପାଳ ଚନ୍ଦ୍ର ବେହେରା ରବିନାରାୟଣ ମହାପାତ୍ର ମାଧବା ନନ୍ଦ ନାୟକ ଧରଣୀଧର ରଣା ସୁଦର୍ଶନ ନାୟକ ଅଭିମନ୍ୟୁ ମହାନ୍ତ କରୁନାକର ଖଟୁଆ ନିରଞ୍ଜନ କର ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୩ କୁଖ୍ୟାତ ପେଶାଦାର ଅପରାଧୀ ଗିରଫ

ପୁରୀ, ୨୩/୧୦ (ନି.ପ୍ର): ଅପରେସନ ଚକ୍ର ଅଭିଯାନରେ ୩ ଜଣ କୁଖ୍ୟାତ ପେଷାଦାର ଅପରାଧିଙ୍କୁ ଟାଉନଥାନା ପୋଲିସ ଗିରଫ କରିଛି । ନିୟମିତ ଭାବରେ ମାଦକ ଦ୍ରବ୍ୟ ସେବନ କରି କଟୁରୀ ଏବଂ ଛୁରୀ ଦେଖାଇ ଉଠା ଦୋକାନୀ ଓ ଠେଲା ଦୋକାନୀଙ୍କୁ ଭୟଭୀତ କରାଇ ସୋମାନଙ୍କଠାରୁ ଦାଦାବଟି ଆଦାୟ କରିବା ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ୍ ଅଭିଯୋଗ ରହିଛି ସୋମାନଙ୍କ ନାମରେ । ଭୟରେ କେହି କିଛି ପ୍ରତିବାଦ କରନ୍ତି ନାହିଁ କି ଅଭିଯୋଗ ଦିଅନ୍ତି ନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଏବଂ ବୁଧବାର ଦିନ ସମୟରେ ଏହିପରି ଦୁଇଟି ପୃଥକ ଘଟଣାରେ ଟାଉନଥାନା ପୋଲିସ ନିଜ ତରଫରୁ ଦୁଇଟି ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଧାରୁଆ କଟୁରୀ, ଛୁରୀ, ମୋବାଇଲ ଫୋନ୍ ଏବଂ ବେଆଇନ ଟଙ୍କା ଜବତ କରାଯାଇଛି । ସେମାନଙ୍କୁ ମାନ୍ୟବର ଏସଡ଼ିଜେଏମ୍, ପୁରୀ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅପରାଧିଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି ।ସମସ୍ତ ଅପରାଧୀଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ୍ ମାମଲା ବିଭିନ୍ନ ଥାନାରେ ରହିଛି ।ଟାଉନ ଥାନା କେସ ନମ୍ବର - ୫୫୭/୨୦୨୫, ଦଫା-୩୦୮(୪)/୩୦୮(୫)/୩୦୮(୬)/୧୦୯(୧)/୧୩୨/୬୧(୨)/୧୧୧(୨)(ଖ)/୧୧୧(୪)/୩୫୧(୩)/୩(୫) ଭାରତୀୟ ନ୍ୟାୟ ସଂହିତା ଏବଂ ୫୫୮/୨୦୨୫, ଦଫା-୩୦୮(୪)/୩୦୮(୫)/୩୦୮(୬)/୧୩୨/୧୦୯(୧)/୩୫୧(୩) ଭାରତୀୟ ନ୍ୟାୟ ସଂହିତା ଅପରାଧୀ ମାନେ ହେଲେ ପୁରୀ ମାର୍କେଟ ଛକର ବଳିଆ ଓରଫ ବଳରାମ ସେନାପତି (୨୪), ପୁରୀ ବାସେଳି ସାହି ମୁଦୁଲି ଜାଗାର ସନ୍ତୁ ଓରଫ ସନ୍ତୁଷ୍ ପଣ୍ଡା (୨୦), ପୁରୀ ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଲେନର ସଂଚୟ ରାଉତ (୨୧), ସେମାନଙ୍କ ଠାରୁ ଜବତ ସାମଗ୍ରୀ ହୋଇଥିବା ଲୁହା କଟୁରୀ - ୧ ଟା,ଷ୍ଟିଲ ଛୁରୀ - ୧ ଟା, ମୋବାଇଲ୍ ଫୋନ୍ ୧ ଟା ଓ ୪୯୦ ନଗଦ ଟଙ୍କା ଜବତ କରାଯାଇଛି ।

# ସମ୍ବଲପୁର ଷ୍ଟେସନରେ ଭିଡ଼ ପରିଚାଳନା ବ୍ୟବସ୍ଥା

ସମ୍ବଲପୁର, ୨୩/୧୦ (ନି.ପ୍ର): ଚଳିତ ଉତ୍ସବ ଋତୁ ଏବଂ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ବଲପୁର ରେଳ ଷ୍ଟେସନରେ ବ୍ୟାପକ ଭିଡ଼ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଯାତ୍ରୀଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବା ଏବଂ ଅଧିକ ଭିଡ଼କୁ ରୋକିବା ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାର, ବୁକିଂ କାଉଂଟର, ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ୍ ଭଳି ପ୍ରମୁଖ ସ୍ଥାନରେ ଅତିରିକ୍ତ ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀ ଏବଂ ବାଣିଜ୍ୟିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ଏବଂ ଷ୍ଟେସନ ପରିସରରେ ସୁଗମ ଗତିବିଧି ବଜାୟ ରଖିବା ପାଇଁ ସାଧାରଣ ସମ୍ବୋଧନ ବ୍ୟବସ୍ଥା ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଉଛି। ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ଟିକେଟ କାଉଂଟର ଏବଂ ସୁରକ୍ଷା ଚେକପୋଷ୍ଟଗୁଡ଼ିକରେ ଧାଡ଼ି ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କର ନିର୍ଦ୍ଧାରିତ ଟ୍ରେନ୍ ପ୍ରସ୍ଥାନର ଯଥେଷ୍ଟ ପୂର୍ବରୁ ଷ୍ଟେସନରେ ପହଂଚିବାକୁ ଏବଂ ଏକ ଶୃଙ୍ଖଳିତ ଯାତ୍ରା ଅଭିଜ୍ଞତା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଉଛି। ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଭିଡ଼ ଗତିବିଧିର ନିରନ୍ତର ତଦାରଖ ସୁନିଶ୍ଚିତ କରାଯାଉଛି। ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ଏବଂ ଯାତ୍ରୀମାନଙ୍କର ଅସୁବିଧା ଗୁଡିକୁ ଏଡାଇବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଜନସାଧାରଣଙ୍କୁ ହାଲୁକା ଜିନିଷ ସହ ଯାତ୍ରା କରିବାକୁ, ଷ୍ଟେସନରେ ପ୍ରଦର୍ଶିତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ମଧ ନିବେଦନ କରିଛନ୍ତି। ପାର୍ବଣ ଭିଡ଼ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ସୁଗମ ଏବଂ ସୁଖଦ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳ ପ୍ରତିବଦ୍ଧ ବୋଲି ସମ୍ବଲପୁର ରେଳ ମଣ୍ଡଳର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଣାଇଛନ୍ତି ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜିତ

ବାରିପଦା, ୨୩/୧୦ (ନି.ପ୍ର): ସାଇବର ଠକେଇରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଚଳିତ ଅକ୍ଟୋବର ମାସ ୧୮ ତାରିଖ ରୁ ଆଗାମୀ ସେପଟ୍ମେର ମାସ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସାଇବର ସୁରକ୍ଷା ସଚେତନତା ଅଭିଯାନ -୨୦୨୫ ଜାରି ରହିଛି। ଏହି କ୍ରମରେ ୧୮ତାରିଖ ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସାଇବର ସୁରକ୍ଷା ଅଭିଯାନ-୨୦୨୫ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିବା ପାଇଁ ଶପଥ ପାଠ କରାଇବା ସହ ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ଯାହାକି ରାଜ୍ୟ ସାରା ପରିକ୍ରମା କରି ଲୋକମାନଙ୍କ ମଧ୍ୟରେ ସାଇବର ଠକେଇରୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପହଞ୍ଚାଇବ। ଏହି କ୍ରମରେ ଆଜି ବାରିପଦା ଠାରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଠାରେ ଜିଲ୍ଲା ପୋଲିସ ପ୍ରଶାସନର ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ ମେଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ରାଜ୍ୟସଭା ଶ୍ରୀମତୀ ମମତା ମହାନ୍ତ, ମାନ୍ୟବର ବିଧାୟକ ଉଦଳା ଶ୍ରୀ ଭାସ୍କର ମଢେଇ, ବିଧାୟକ ସାରସକଣା ଶ୍ରୀ ଭାଦବ ହାଁସଦା, ବିଧାୟକ ବଡ଼ସାହି ଶ୍ରୀ ସନାତନ ବିଜୁଳି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ନଗରପାଳ ଶ୍ରୀ କୃଷ୍ଣା ନନ୍ଦ ମହାନ୍ତି, ଉପନଗରପାଳିକା ଶ୍ରୀମତୀ ସୀମା ଦାସ, ପୂର୍ବାଞ୍ଚଳ ପୋଲିସ ଡି ଆଇ ଜି ଶ୍ରୀ ପିନାକ ମିଶ୍ର, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଆର ସି ସି ଏଫ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ନିର୍ଦ୍ଦେଶକ ଶ୍ରୀ ପ୍ରକାଶ ଗୋଗିନାନି ଓ ଆଇ ଏ ଏସ ପ୍ରୋବେଶନର କାଶିଷ ବକ୍ସି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ ଯେ ଏହି ଅଭିଯାନ ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହୋଇଛି ଏବଂ ଆଗାମୀ ୧୭ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାରେ ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିବ। ଏହି ସାଇବର ସୁରକ୍ଷା ସଚେତନତା ଅଭିଯାନର ମୂଳ ଉଦେଶ୍ୟ ହେଉଛି ସମାଜର ସବୁ ବର୍ଗର ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା। ବର୍ତ୍ତମାନ ପାରିବର୍ତ୍ତିତ ସମୟ ରେ ବ୍ୟସ୍ତବହୁଳ ଜୀବନ ଶୈଳୀ ଭିତରେ ବୈଷୟିକ ଜ୍ଞାନ କୌଶଳର ଉନ୍ନତି ଓ ଉପଯୋଗ ପାଇଁ ସରକାରୀ ସ୍ତରରେ ହେଉ ବା ବ୍ୟକ୍ତିଗତ ସ୍ତରରେ ହେଉ ବା ସାମାଜିକ ସ୍ତରରେ ହେଉ, ଦୈନନ୍ଦିନ ଜୀବନରେ ଇଣ୍ଟେର୍ନେଟ ସାଙ୍ଗକୁ ସ୍ମାର୍ଟ ଫୋନର ବ୍ୟବହାର ଓ ଅନଲାଇନ କାର୍ଯ୍ୟକଳାପ ଅପରିହାର୍ଯ୍ୟ ହୋଇପଡିଛି। ମାତ୍ର ଏହାକୁ ଯଦି ଆମେ ସତର୍କତା ସହ ସୁରକ୍ଷିତ ଭାବେ ବ୍ୟବହାର ନକରୁ ତେବେ ଠକାମିର ଶିକାର ହେବା। ପରିବର୍ତ୍ତିତ ସମୟ ଅନୁସାରେ ସାଇବର ଠକ ମାନେ ମଧ୍ୟ ସେମାନେ ସେମାନଙ୍କ କୁଟିଳ ବୁଦ୍ଧି ପ୍ରୟୋଗ କରି ନୂତନ ଅଭିନ୍ନ ଉପାୟ ଅବଲମ୍ବନ କରି ଆଶ୍ଚର୍ଯ୍ୟଜନକ ଭାବେ ଲୋକ ମାନଙ୍କୁ ସେମାନଙ୍କର ଶିକାର ବନଉଛନ୍ତି କାରଣ ସାଧାରଣ ଲୋକଙ୍କ ପକ୍ଷରେ ଦୁର୍ଭାଗ୍ୟ ବଶତଃ ସେଇ ମୁହୂର୍ତ୍ତରେ ଉଚିତ ନିଷ୍ପତ୍ତି ନେବାରେ ଭୁଲ କରିଥାନ୍ତି ଯା ଫଳରେ ଠକାମୀର ଶିକାର ହେବାକୁ ପଡ଼ିଥାଏ। ସାଇବର ଠକାମୀର ଶିକାର ହେବାର ପ୍ରମୁଖ କାରଣ ହେଉଛି ଲୋଭ, ଭୟ ଓ ଦାୟିତ୍ୱହୀନତା। ମାଗଣାରେ କିମ୍ବା କମ ଦାମରେ ଅଧିକ ଲାଭ ପାଇବା ଆଶାରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦେଣନେଣ କରିବା, କୌଣସି ଅଜଣା ଭିଡ଼ିଓକୁ ଡାଉନ ଲୋଡ଼ କରିବା କିମ୍ବା କୌଣସି ମିଛ ଫୋନ କଲ୍ ପାଇ ଭୟାତୁର ହୋଇ କିଛି ତର୍ଜମା ନକରି ଦାୟିତ୍ୱହୀନ ଭାବେ ନକଲି ଲିଙ୍କରେ କ୍ଲିକ କରି ନିଜର ବ୍ୟକ୍ତିଗତ ତଥ୍ୟ ଶେୟାର କରି ସାଇବର ଠକାମୀର ଶିକାର ହେବାକୁ ପଡେ। ତେଣୁ ଆମେ ସମସ୍ତେ ସଚେତନ ହେବା, ସତର୍କ ରହିବା ଏବଂ ସୁରକ୍ଷିତ ରହିବା। ସମାଜରେ ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ, ଯେମିତି କି ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟର ଶିକାର ନହେବା, ଗୋପନ ଭିଡ଼ିଓ ଦେଖାଇ ସାଇବର ଅପରାଧର ଶିକାର କରାଇବା, ଅଭିଭାବକ ଓ ଶିକ୍ଷକ ମାନଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ଚାକିରୀ ଆଶାୟୀ ଯୁବ ପିଢ଼ିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଓ ସିମ ବିକ୍ରି, ଫ୍ରଡ଼ ନିବେଶ ପାଇଁ ପ୍ରବର୍ତ୍ତାଇବା, ଭୟ ଦେଖାଇ ଯୌନ ଶୋଷଣ କରିବା , ମହିଳା ଓ କିଶୋରୀ ମାନଙ୍କୁ ନକଲି କଲ୍ ଜରିଆରେ ଯୌନ ଶୋଷଣ , ଗ୍ରାମ ଓ ସେମି ଅର୍ବାନ ଅଂଚଳରେ ପ୍ରଥମ କରି ସ୍ମାର୍ଟ ଫୋନ ବ୍ୟବହାରକାରି ଲୋକଙ୍କୁ ୟୁପିଆଇ, ଓଟିପିର ସଠିକ ଉପଯୋଗ, ଫେକ କଲ୍ ବାବଦରେ ଜ୍ଞାନ ଦେବା, ବରିଷ୍ଠ ନାଗରିକ ମାନଙ୍କୁ ନିରାପଦ ବ୍ୟାକିଙ୍ଗ କାରବାର ଓ ଆର୍ଥିକ ଠକେଇରୁ ବର୍ତ୍ତିବା ପାଇଁ ସତର୍କ କରିବା, ଏସ ଏଚ ଜି ଏବଂ ଗୋଷ୍ଠୀ ଗ୍ରୁପକୁ ସମୂହ ଡିଜିଟାଲ ଦେଣନେଣ, ଫେକ ରଣ, ନକଲି ପୁଞ୍ଜି ନିବେଶ ବାବଦରେ ଏବଂ ବ୍ୟବସାୟୀ ଓ ବୃତ୍ତିଧାରୀଙ୍କୁ ଡାଟା ସିକୁରିଟି, ବୃତ୍ତିଗତ ଶୋଷଣରୁ ସୁରକ୍ଷା, ଡିଜିଟାଲ ପେମେଣ୍ଟରେ ସତର୍କତା ଇତ୍ୟାଦି ସମ୍ବନ୍ଧରେ ସଚେତନ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାରେ ୧ ଲକ୍ଷ...

ଏହାଦ୍ୱାରା ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ଆସିବ ଏବଂ ଏମ୍.ଏସ୍.ଏମ୍.ଇ ଶିଳ୍ପରେ ବିପୁଳ ଅଭିବୃଦ୍ଧି ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ। ଭିତ୍ତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନିର ପୁଞ୍ଜି ବିନିଯୋଗ ଜରିଆରେ ଓଡ଼ିଶା ସରକାର ଏହି ଲକ୍ଷ୍ୟ ହାସଲ କରିବେ। ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ୍ ହବ୍ ହେବାପାଇଁ ଓଡିଶା ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ। ଆମର ଏହି ଉଦ୍ୟମ ଦ୍ୱାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ଆସିବ ନାହିଁ ଏହାଦ୍ୱାରା ଯୁବବର୍ଗଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହିତ ଜନସାଧାରଣଙ୍କୁ ସଶକ୍ତ କରିବ ଏବଂ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବାପାଇଁ କ୍ଷେତ୍ର ପ୍ରସ୍ତୁତ କରିବ। ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜି ନିବେଶ ଏକ ଗେମ୍-ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଖୋଲିବ ପୋଲିସ୍ ଏସଆଇ...

ଦୀର୍ଘ ୧୦ ବର୍ଷ ଧରି ଏହି ସିଣ୍ଡିକେଟ କାମ କରୁଥିବା ବେଳେ ଏମାନେ ଏକାଧିକ ସରକାରୀ ପଦବୀ ପାଇଁ ପରୀକ୍ଷା ପରିଚାଳନା କରିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିବା ସୂଚନା ମିଳିଛି । ତେଣେ ସିବିଆଇ ସବୁ କିଛିର ଖୋଳତାଡ କରିବା ସହ ସ୍ୱଚ୍ଛତା ଓ ସଠିକ ସମୟରେ ପରୀକ୍ଷା ହେବ ବୋଲି ଆଶା ରଖିଛନ୍ତି ପରୀକ୍ଷାର୍ଥୀ । ତେଣେ ସିବିଆଇ ସୁପାରିସକୁ ନେଇ ଆଇନ ମନ୍ତ୍ରୀ କହିଛନ୍ତି, ବିଜେପି ସରକାର ଆସିବା ପରେ ଚାକିରୀ ପରୀକ୍ଷାରେ ଯେତେ ସ୍ୱଚ୍ଛତା ଆସିବା ଦରକାର ସେ ଦିଗରେ ସବୁ ପଦକ୍ଷେପ ନିଆଯାଉଛି । କିଛି ଲୋକ ଲମ୍ବା ସମୟ ଧରି ପରୀକ୍ଷାରେ ଘୋଟାଲା କରିବା ନେଇ ଯେଉଁ ଅଭ୍ୟାସ ଥିଲା ସେଥିରେ ରୋକ ଲାଗିବ ।

### ଝାଡୁଦାର ଚାକିରି ପାଇଁ ...

ଗତବର୍ଷ ଅକ୍ଟୋବରରୁ ଆରମ୍ଭ କରିଥିଲେ କାରସାଦି। ଗାଁ ଗାଁରେ ସଭା କରି ଲୋକଙ୍କୁ ରୁଣ୍ଡ କରୁଥିଲେ। ଚାକିରି ଲାଳସା ଦେଖାଇ ଜଣ ପିଛା ଆଦାୟ କରୁଥିଲେ ୧୨ରୁ ୧୩ ହଜାର ଟଙ୍କା। ଏରିଆ ମ୍ୟାନେଜର ପାଇଁ ନେଉଥିଲେ ୨୦ ହଜାର। ଗାଁ ଗାଁରେ ପଦ୍ମାବତୀ ଲୋକଙ୍କ ସାଙ୍ଗରେ ମୂଲଚାଲ କରି ଡିଲ୍ କରିବା ଓ ଟଙ୍କା ଆଦାୟ କରିବାର ଭିଜୁଆଲ୍ ରହିଛି। ଗତକାଲି ଚିପିଲିମା ମାରାଙ୍ଗୋଲାରେ ଚାକିରି ଆଶାୟୀଙ୍କୁ ଡାକି ବିରାଟ ସଭା କରିଥିବାର ଦୃଶ୍ୟ ମଧ୍ୟ କ୍ୟାମେରାରେ କଏଦ୍ ହୋଇଛି । ଲୋକଙ୍କ ଭରସା ଜିତିବାକୁ ବଡ଼ ବଡ଼ ବାହାସ୍ଫୋଟ୍ ମାରୁଥିଲା ପଦ୍ମାବତୀ। ନେତାଙ୍କ ଭଳି ଭାଷଣ ମାରୁଥିଲା । ତା କଥାରେ ଭାସି ଯାଇ ପ୍ରାୟ ୨ କୋଟି ଧରାଇ ଦେଇଥିଲେ ଝାଡୁଦାର ଚାକିରି ଆଶାୟୀ।

### ବାପା-ମାଆଙ୍କୁ ଅବହେଳା...

ଏହାସହ ନିଯୁକ୍ତି ପାଇବା ପରେ ସେମାନଙ୍କ ପାଖକୁ ଆସିଥିବା ଲୋକଙ୍କର ସମସ୍ୟାକୁ ଧୈର୍ଯ୍ୟର ସହ ବୁଝି ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ' । ଏଭଳି କରିବାକୁ ଖୁବଶୀଘ୍ର ଏକ ନୂଆ ନିୟମ ଆସିବ । ଏହି ନିୟମକୁ ପ୍ରସ୍ତୁତ କରିବାକୁ ରେଡ୍ଡୀ ତାମିଲନାଡୁ ମୁଖ୍ୟଶାସନ ସଚିବ ରାମକୃଷ୍ଣ ରାଓଙ୍କୁ ଅନୁରୋଧ କରିଥିଲେ । ନିଯୁକ୍ତି ପାଇବା ପରେ ସମସ୍ତେ ଦେଶର ବିକାଶ କରିବାକୁ ଚେଷ୍ଟା କରିବେ । 'ତେଲେଙ୍ଗାନା ରାଇଜିଙ୍ଗ-୨୦୪୭' ଭିଜନକୁ ଦୃଷ୍ଟିରେ ରଖି ଚାଲିବାକୁ ଆହ୍ୱାନ ଦେଇଛନ୍ତି । ରେଡ୍ଡୀ କହିଛନ୍ତି ପୂର୍ବର ବିଆରଏସ୍ ସରକାର ମାମଲା ପରେ ମାମଲା ଦାଏର କରି ନିଯୁକ୍ତି ସୁଯୋଗ ବାଟରେ ବିରାଟ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ରାଜ୍ୟର ସହିଦଙ୍କ ପରିବାରର ଦୁଃଖ ବୁଝିନଥିଲେ କିନ୍ତୁ କଂଗ୍ରେସ ବର୍ଷକ ଭିତରେ ୬୦ ହଜାର ନିଯୁକ୍ତି ଦେଇସାରିଲାଣି ।

### ଶିଳ୍ପ ନାଁରେ ସରକାରୀ ଜମି ...

ଶିଳ୍ପ ନାଁରେ ସରକାରୀ ଜମି ବେପାର ଘୋଟାଲା । ରାଜଧାନୀ ଛାତି ଉପରେ ଇଡକୋ ଜମି ଦୁର୍ନୀତିର ପୋଲ୍ ଖୋଲ୍ । ନିଜ କେଳେଙ୍କାରୀ ପେଡ଼ି ନିଜେ ଖୋଲିଦେଲା ଇଡକୋ! ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଓଟିଭିକୁ ମିଳିଥିବା ଏ ତଥ୍ୟ କହୁଛି ସାଂଘାତିକ କାହାଣୀ । ୧୪ ବର୍ଷ ଧରି ପଡ଼ି ରହିଥିବା ଜମି ଲିଜ୍ ବାତିଲ ବଦଳରେ ବିଲଡିଂ ପ୍ଲାନ୍ ଆପ୍ରୁଭାଲ୍ ଦେଉଛି ଇଡକୋ। ବିଲଡିଂ ନିର୍ମାଣ ଚାଲିଥିଲା ବେଳେ ଚାଲିଛି ଜମି ଟ୍ରାନ୍ସଫର ଉଦ୍ୟମ। ତେବେ କିଏ କରୁଛି ନିର୍ମାଣ ? ଯିଏ ଜମି ଟ୍ରାନ୍ସଫର କରିବାକୁ ଚାହୁଁଛି ସେ, ନା ଯେ ଜମି ନେବାକୁ ଚାହୁଁଛି ସେ? ଯିଏ ଯେଉଁଥିପାଇଁ ଜମି ନେଇଥିଲା ତାହା କରିନାହିଁ। ଯିଏ ନେବ ସେ କ'ଣ କରିବ ତାହାର ପ୍ଲାନ ଇଡ଼କୋରେ ନାହିଁ।

# ଦାରିଦ୍ର୍ୟରୁ ମୁକ୍ତି ବିନା ସ୍ୱପ୍ନର ଭାରତ ଗଠନ ଅସମ୍ଭବ-ବୁଦ୍ଧିଜୀବି ଫୋରମ୍




ଜଳେଶ୍ୱର, ୨୩/୧୦ (ନି.ପ୍ର): ସହୀଦ ଦିବସ ଉପଲକ୍ଷେ ଜଳେଶ୍ୱର ବୁଦ୍ଧିଜୀବୀ ଫୋରମ୍ ଆନୁକୂଲ୍ୟରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ଏହି ଆଲୋଚନା ଚକ୍ରର ବିଷୟ ବସ୍ତୁ ଥିଲା 'ସହୀଦର ସ୍ୱପ୍ନ ଓ ଆଜିର ଭାରତ '। ବିଶିଷ୍ଟ ସମାଜସେବୀ ଜଳେଶ୍ୱର ବୁଦ୍ଧିଜୀବୀ ଫୋରମର ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିବା ଏହି ଆଲୋଚନା ଚକ୍ରରେ ଆଜକୁ ୮୩ ବର୍ଷ ତଳେ ଲକ୍ଷ୍ମଣନାଥ ସ୍ଥିତ ଚାଉଳ ଗୋଦାମରେ ମାଲିକର ପ୍ରରୋଚନାରେ ଭୋକିଲା ଜନତାଙ୍କ ଉପରେ ପୋଲିସର ଗୁଳି ଚାଳନା ଯୋଗୁଁ ସହୀଦ ହୋଇଥିବା ସପନି ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭୋଗରାଇର ମାନ୍ୟବର ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ ଖାଦ୍ୟର ଅଭାବକୁ ପୂରଣ କରିବା ପାଇଁ ଦେଶରେ ବହୁ ସ୍ଥାନରେ ସ୍ୱତଃସ୍ପୂର୍ତ୍ତ ବିକ୍ଷୋଭ ସଂଗଠିତ ହୋଇଛି ଏବଂ ଇତିହାସ ଖୋଜିଲେ ବହୁ ସାଧାରଣ ମଣିଷ ପୋଲିସ ଗୁଳିରେ ସହୀଦ ହୋଇଛନ୍ତି ବୋଲି ଜଣାଯାଏ। ଯେଉଁମାନେ ସହୀଦ ହୋଇଛନ୍ତି ସେମାନଙ୍କର ସ୍ୱପ୍ନ ଥିଲା କ୍ଷୁଧା ମୁକ୍ତ ଭାରତ। କିନ୍ତୁ କ୍ଷୁଧା ମୁକ୍ତ ଭାରତ କହିଲେ ସମ୍ପ୍ରତି ମଣିଷକୁ କେବଳ ଗଣ୍ଡାଏ ଖାଦ୍ୟ ଯୋଗାଇଦେବାକୁ ବୁଝାଏ ନାହିଁ।ପରନ୍ତୁ ଲୋକଙ୍କୁ ସାମର୍ଥ୍ୟ କରି ଗଢ଼ି ତୋଳିବା ଉଦ୍ଦେଶ୍ୟରେ ସମସ୍ତ ବୈଷମ୍ୟକୁ ହଟାଇ ପାରିଲେ କ୍ଷୁଧା ମୁକ୍ତ ଭାରତ ଗଠନ ସମ୍ଭବ ହେବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଗବେଷକ ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ର ଜଳେଶ୍ୱର ଇତିହାସକୁ ମନେପକାଇ ସହୀଦ ମାନଙ୍କର ବିବରଣୀ ଉପସ୍ଥାପନ କରିବା ସହିତ ଭବିଷ୍ୟତ ପିଢି ସେମାନଙ୍କୁ ମନେ ରଖିବାକୁ ଆହ୍ୱାନ ଦେଇଥିଲେ।ସମ୍ମାନିତ ଅତିଥି ଭାବରେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ବାଲେଶ୍ୱର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ,ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଏବଂ ପ୍ରାକ୍ତନ ସରପଞ୍ଚ ତଥା ବୈପ୍ଳବିକ କବି ବସନ୍ତ ଦାସ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଦେଶର ବିଭିନ୍ନ ସମସ୍ୟାକୁ ତୋଳି ଧରିଥିଲେ ଏବଂ ସହୀଦ ମାନଙ୍କର ବଳିଦାନ ଯେପରି ବ୍ୟର୍ଥ ନ ଯାଏ ସେଦିଗରେ ବୁଦ୍ଧିଜୀବୀ ଫୋରମର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସଭାରେ ସହୀଦ ମାନଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପଠନ କରିଥିଲେ କବି ବସନ୍ତ ଦାସ,ନରୋତ୍ତମ ପ୍ରଧାନ ଓ ରଞ୍ଜନ ଘୋଷ। ଅବସର ପ୍ରାପ୍ତ ଶିକ୍ଷକ ଜ୍ୟୋତିଷ ଚନ୍ଦ୍ର କର ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସହୀଦ ସପନି ଜେନାଙ୍କ ଅଣନାତି ପ୍ରଶାନ୍ତ ଜେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ସଂଗ୍ରାମ ନାୟକ, ରାଜୀବ ପଣ୍ଡା,ମମି ପଣ୍ଡା, ସବିତା ଭୂୟାଁ, ରାଜାରାମ କରଶର୍ମା, ଜୀବନ ପରିଡ଼ା,ଭାସ୍କର ମିଶ୍ର, ରବିନ୍ଦ୍ର ବାରିକ, ତ୍ରିଲୋଚନ ଦାସ ଅଧିକାରୀ, ଶ୍ରୀମନ୍ତ ଘୋଷ, ସମରେଶ ଦ୍ୱିନ୍ଦା, ଶରତ ପରିଡ଼ା, ପ୍ରଶାନ୍ତ ପାତ୍ର, ଦିଲ୍ଲୀପ ପରିଡ଼ା, ଗଣେଶ ପାତ୍ର ସମେତ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଗଣ।

## ଆମ କୁନି ପିଲା ପ୍ରଶିକ୍ଷଣ ଶିବିର

ବାଲିଆପାଳ , ୨୩/୧୦ (ନି.ପ୍ର): ବାଲିଆପାଳ ବ୍ଲକରେ ସମନ୍ୱୟ ଶିଶୁ ବିକାଶ ବିଭାଗ ପକ୍ଷରୁ ଆମକୁନି ପିଲା ପ୍ରଶିକ୍ଷଣ ଶିବିର ଭାରାପ୍ରାପ୍ତ ସିଡ଼ିପିଓ ଅରସ୍ମିତା ଜେନାଙ୍କ ତତ୍ତ୍ୱାବଧାନରେ ବୁଧବାର ପୂର୍ବାହ୍ନ ରେ ବ୍ଲକ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପ୍ରୋଗ୍ରାମ ଅଫିସର୍ ସ୍ୱପ୍ନା ପ୍ରହରାଜ ଯୋଗଦେଇ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଅନ୍ତର୍ଭୁକ୍ତ ଥିବା ନବଜାତ ଶିଶୁ ଠାରୁ ତିନି ବର୍ଷ ପିଲାଙ୍କ ଶାରୀରିକ , ମାନସିକ, ଏବଂ ଦୈହିକ କ୍ଷେତ୍ରରେ ଗୁରୁତ୍ୱ ଏବଂ ଯତ୍ନ ନିଆଯିବାର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଏହି କୁନି କୁନି ପିଲାଙ୍କ ଅଭିଭାବକ ମାନଙ୍କୁ ଏ କ୍ଷେତ୍ରରେ ଅଧିକ ଶିକ୍ଷା ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।ଏହି ଶିବିରରେ ବାଲିଆପାଳ ବ୍ଲକରୁ ଚାରିଟି କମ୍ୟୁନିଷ୍ଟ ସେଣ୍ଟରେ ଥିବା ସାତଟି ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଯୋଗଦେଇ ଥିଲେ। ସୁପରଭାଇଜର କନକଲତା ବାରିକ, ଜ୍ୟୋତ୍ସ୍ନା ରାଣୀ ଜେନା, ଅଞ୍ଜଳି ମୁର୍ମୁ, ଅର୍ଚ୍ଚନା ସିଂ, ସୁମିତ୍ରା ପାତ୍ର, ଉର୍ମିଳା ସେନାପତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜାମକୁଣ୍ଡାଛକ ବଣିକ ସଂଘ ପକ୍ଷରୁ ସାର୍ବଜନୀନ ମା' କାଳୀପୂଜା ଉତ୍ସବ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲିଆପାଳ , ୨୩/୧୦ (ନି.ପ୍ର): ବାଲିଆପାଳ ଜାମକୁଣ୍ଡା ଛକ ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ ସାର୍ବଜନୀନ ମା' କାଳୀପୂଜା ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କୁନି ପ୍ରତିଭା ମାନଙ୍କୁ ନେଇ ନୃତ୍ୟ ସଂଗୀତ ପ୍ରତିଯୋଗୀତା କରାଯାଇ କୁନି ପ୍ରତିଭା ମାନଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବଣିକ ସଂଘ ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରି ସମସ୍ତଙ୍କ ମଙ୍ଗଳ କାମନା କରିଥଲେ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର କୃତି ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଅଜୟ କୁମାର ସାହୁ, ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ ସାମଲ,ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବଣିକ ସଂଘର ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ,ଶିବ ସାହୁ,କାହ୍ନୁ ଚରଣ ନାୟକ,ମିଟୁ ଜେନା,ବଂଶୀଧର ସାହୁଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**AFFIDAVIT**

By virtue of an affidavit sworn before Executive Magistrate Bhadrak, Basudevpur, I, Manteswar Jena, aged about 37 years, S/o- Chaitanya Jena of resident Makhalpur, P.o- Narasinghapur, P.S- Basudevpur, Dist- Bhadrak declare that my name and address in spelling has mentioned in my educational certificate as Manteswar Jena S/o- Chaitanya Jena of At- Makhalpur, P.o- Narasinghpur, P.s- Basudevpur, Dist- Bhadrak, but in my Aadhaar Card bearing No- 7055 5904 6129 my name has enrolled as Manty Dalai S/o- Chaitanya Dalai of at Makhanpur, P.o- Narasinghapur, P.s.- Basudebpur, Dist- Bhadrak. Both Manteswar Jena S/o- Chaitanya Jena and Mantu Dalei S/o- Chaitanya Daulia is same and one person in our locality.

**Manteswar Jena**

**AFFIDAVIT**

By virtue of an affidavit sworn before Executive Magistrate & Tahasildar, Baliapal,Balasore, I, Jadunath Behera, aged about 77 years, S/o- Judhistira Behera of At/ po./ via: Pratapur, P.s- Baliapal, Dist- Balasore, Odisha, Pin- 756083 declare that my deceased younger son's name is Prasanna Kumar Behera, aged about 44 years, S/o- Jadunath Behera, whichs is mentioned in his Aadhaar Card, Voter Identity Card and in his Death Certificate. His Aadhaar Card No. 8324 6010 4787, his Voter Identity card No. CPP4077467 and his Death Certificate Registration No.- 6/2022, date of Registration:- 18.01.2022 & date of Death- 21.02.2021, which was issued by Baliapal CHC of Tahasil Baliapal of District: Balasore. But, mistakenly my deceased youngerr son's name is mentioned as Gobinda Behera, S/o- Jadunath Behera in his L.I.C Policy Bond, His L.I.C. Policy No. 585065798 whhich is nick name. Both Prasanna Kumar Behera, S/o- Jadunath Behera & Gobinda Behera, S/o- Jadunath Behera is one and same person.

**Jadunath Behera**

**NOTICE INVITING TENDER**

Office of the Chief CSO-cum-District Manager,
Odisha State Civil Supplies Corporation Ltd.
District : **Mayurbhanj**

**TENDER No.2770 to 2795** **Dated: 22.10.2025**

Cost of Tender Document:- Rs.1000/- Inclusive of GST for Each Block: (Blocks: Baripada, Badasahi, Betnoti, Rasgobindpur, Moroda, Suliapada, Kuliana, Bangriposi, Sarashkana,Samakhunta, Kaptipada, Udala, Khunta, GB Nagar, Bisoi, Bijatala, Rairangpur, Kusumi, Bahalda, Tiring, Jamda, Karanjia, Thakurmunda, Sukruli, Raruan and Jashipur).

Online tenders are invited from eligible bidders for selection and appointment of transport contractors for transportation of (i)Paddy from Paddy Purchase Centres (PPC) to Rice mills points(within district or outside district) (ii) Custom Milled Rice(CMR) from Rice Mills to Rice Receiving Centers(RRCs)/Depots(within district or outside district) in **Mayurbhanj district for the KMS 2025-26(Kharif & Rabi).**

| | | |
|---|---|---|
| 1 | Availability of tender documents | From Date 24.10.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt. 28.10.2025 at 11.00 AM O/o Chief CSO-cum-District Manager, OSCSC Ltd, Mayurbhanj. |
| 3 | Last date and time for online submission of completed Tender Documents with enclosures | Through e-Procurement Portal:- www.tendersodisha.gov.in up to 10.11.2025 till 5.30 PM |
| 4 | Date, time and venue for opening of Technical Bid by the Tender Committee | On dt. 11.11.2025 at 11.00 AM in Office of the Collectorate,Mayurbhanj |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt. 11.11.2025 at 11.00 AM, Office of the Collectorate, Mayurbhanj |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.**

**Chief CSO-cum-District Manager,**
**OSCSC Ltd, Mayurbhanj**

**OIPR: 07046/11/0013/2526**

**Court Notice**
**In the Court of the Principal District and Session Judge at Deoghar..**
**Crl. Revision No. 93/2025**
**Bimbadhar Mahavoi ............Revisionist**
**-Versus-**
**Suchintan Basantia and others.... Opposite. Party.**

To,

Suchintan Basantia, S/o- Banke Bihari Basantia, resident of at Potagan, Post- Jhinkeria, P.S-Jhinkeria, District- Balasore, Orisa, 756027.

Whereas by this notice, you the above Opps. Party has been noticed in this case earlier through process of court as well as through registered post. But you are avoiding to receive the notice.

Thus this time you are hereby noticed through paper publication on the following address by fixing the next date on 7th Nov 2025 and you are hereby directed to appear either personally or through your respective counsel on the date fixed at 10:30 A.M. positively in the court, failing which the same will be fixed for ex party hearing in absence of you.

**Given under my hand and seal vide dated 13th day of October 2025.**

**Principal District and session Judge,**
**Deoghar**

ଶୁକ୍ରବାର, ଅକ୍ଟୋବର ୨୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭଗବତୀ ଚରଣ ପାଣିଗ୍ରାହୀଙ୍କର ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର , ୨୩/୧୦ (ନି.ପ୍ର): ସିପିଆଇ (ଏମ୍) ଜିଲ୍ଲା କାର୍ଯ୍ୟାଳୟ ରେ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ରାଜ୍ୟ ସମ୍ପାଦକ କ: ଭଗବତୀ ଚରଣ ପାଣଗ୍ରାହୀ ଙ୍କ ର ୮୩ ତମ ମୃତ୍ୟୁ ବାର୍ଷିକ ରେ ସ୍ମୃତି ସଭା କରାଯାଇଅଛି। ସାଥୀ ଦୀପ୍ତିମାନ ଆଚାର୍ଯ୍ୟ ଙ୍କ ସଭାପତିତ୍ୟ ରେ ସଭା କାର୍ଯ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କ: ପାଣିଗ୍ରାହୀ ଙ୍କ ଫୋଟ ଚିତ୍ର ରେ ପୁଷ୍ପ ମାଲ୍ୟା ଅର୍ପଣ କରିବା ପରେ ସଭା କାର୍ଯ ଆରମ୍ଭ ହୋଇଥିଲା। ପାର୍ଟିର ରାଜ୍ୟ କମିଟି ସଭ୍ୟ ସାଥୀ ନିର୍ମଳ ନାୟକ କ: ପାଣିଗ୍ରାହୀ ଙ୍କ ର ସ୍ମୃତି ଚାରଣ କରିବା ସହିତ ମାତ୍ର ୩୭ବର୍ଷ ବୟସ ମଧ୍ୟରେ ସାଥୀ ଭଗବତୀ ପାଣିଗ୍ରାହୀ ଯେଉଁ ଅବଦାନ ଛାଡ଼ି ଯାଇଛନ୍ତି, ତାକୁ ସଂଗଠନ କ୍ଷେତ୍ରରେ କାର୍ଯକାରୀ କରିବା ହିଁ ତାଙ୍କ ର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତବ୍ୟ ରେ କହିଥିଲେ। କିପରି କମ୍ୟୁନିଷ୍ଟ ପାର୍ଟି ଓ ବାମପନ୍ଥୀ ଶକ୍ତି ଙ୍କୁ ଶକ୍ତିଶାଳୀ କରିବା ସହ ଧର୍ମ ନିରେପକ୍ଷେ ଓ ଗଣତାନ୍ତ୍ରିକ ଶକ୍ତି ମାନଙ୍କୁ ସମବେତ କରି ନ୍ୱ୍ୟ ଫାଶୀବାଦ ଶକ୍ତି କୁ ପରାସ୍ତ କରାଯିବ, ତାହା ଆଜିର କର୍ତ୍ତବ୍ୟ ପାଲଟିଛି। ନବ୍ୟ ଫାସୀବାଦକୁ ପରାସ୍ତ କରି ସମାଜବାଦ ଆଡ଼କୁ ଅଗ୍ରସର ହେବାକୁ ସଠିକ୍ ରାଜନୈତିକ ନିର୍ଣ୍ଣୟ ରେ ଅଟଳ ରହିବା ଅପରିହାର୍ଯ୍ୟ ବୋଲି ବକ୍ତବ୍ୟ ରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂପାଦକ




ମଣ୍ଡଳୀସଭ୍ୟ ସାଥୀ ପ୍ରେମରଞ୍ଜନ ପାତ୍ର, ଶ୍ୟାମସୁନ୍ଦର ଜେନା, ପ୍ରଭାକର ବେହେରା, ରାଜ କିଶୋର ଲେଙ୍କା, ପ୍ରଶାନ୍ତ ରାୟ, ପଲ୍ଟୁ ଦାସ, ଷ୍ଟାଲିନ ବେହେରା, ଅରୁଣ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବେଆଇନ ଷଣ୍ଢ ଚାଲାଣ ବେଳେ ମାଡ଼ିବସିଲା ପୋଲିସ: ୩ ଅଭିଯୁକ୍ତ ଗିରଫ

ନୀଳଗିରି , ୨୩/୧୦ (ନି.ପ୍ର): ଦୁଇଟି ଷଣ୍ଢକୁ ଏକ ତିନିଚକିଆ ଅଟୋରେ ବେଆଇନ ଭାବରେ ଭର୍ତ୍ତିକରି ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ମକରା ମୁର୍ମୁ(୫୫) ଏବଂ ଭାସ ହାଁସଦା (୫୬)ନାମକ ଦୁଇଜଣ ଗୋଚାଲାଣ କାରୀଙ୍କୁ ନୀଳଗିରି ପୋଲିସ ମିରିଗିଣୀ ପଟାପୋଲ ନିକଟରୁ ଗିରଫ କରିବା ସହିତ ଷଣ୍ଢ ଦୁଇଟିକୁ ଉଦ୍ଧାର କରିବା ସହ ଡାଲା ଅଟୋକୁ ଜବତ କରି ଅଟୋ ଡ୍ରାଇଭର ଅମର ଦାସଙ୍କୁ ମଧ୍ୟ ଗିରଫ କରାଯାଇଛି। ଥାନା ପକ୍ଷରୁ ୪୨୪/୨୫ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଯୋଗ୍ୟ ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ଶିବପୁରା ଗ୍ରାମର ବାପୁନୁ ହେମ୍ବ୍ରମଙ୍କ ଘରୁ ଦୁଇଟି ଷଣ୍ଢକୁ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ମକରା ମୁର୍ମୁ(୫୫)ଓ ଭାସ ହାସହାଁ(୬୦) ଓଡି -୨୨-୦୨୫୫ନମ୍ବର ଅଟୋରେ ଭର୍ତ୍ତିକରି ଉଦଳା ନେଉଥିବା ବେଳେ ଖବରପାଇ ପୋଲିସ ମିରିଗିଣି ଗ୍ରାମର ପଟାପୋଲ ନିକଟ ରୁ ଅଟୋକୁ ଜବତ କରିବା ସହିତ ଷଣ୍ଢଙ୍କୁ ଉଦ୍ଧାରକରି ବାମପଦା ମା ଭାରତୀ ଗୋଶାଳାରେ ଛାଡିଦେଇଥିବା ଆଇଆଇସି ଗୋବର୍ଦ୍ଧନ ନାୟକସୂଚନା ମିଳିଛି।

# ଓଡିଶା କୃଷକ ସଭା ୯ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ

ଭଦ୍ରକ , ୨୩/୧୦ (ନି.ପ୍ର): କୃଷି, କୃଷକ ଓ କୃଷିକ୍ଷେତ୍ରର ସୁରକ୍ଷା ସମେତ ଦେଶର ସଂସଦୀୟ ଗଣତନ୍ତ୍ର, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ସୁରକ୍ଷା ଓ ନିରାପତ୍ତା , ସମ୍ବିଧାନ ର ସୁରକ୍ଷା, ସ୍ୱାଧୀନ ବୈଦେଶିକ ନୀତିର ସୁରକ୍ଷା,ଆମ ଦେଶର ସ୍ୱାଧୀନ ପ୍ରତିରକ୍ଷା ନୀତିର ସୁରକ୍ଷା ସମେତ କୃଷକ ସପକ୍ଷବାଦୀ କୃଷି ନୀତି, କେନ୍ଦ୍ର ଓ ରାଜ୍ୟର କୃଷି ବଜେଟ୍ ବୃଦ୍ଧି ଦାବିକରି ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା ୯ ମ ଜିଲ୍ଲା ସମ୍ମିଳନୀ ଧୁଷୁରୀ ସ୍ଥିତ ଧୁଷୁରୀ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଗତ ୨୨, ଅକ୍ଟୋବର ଠାରୁ ଆରମ୍ଭ ହୋଇ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲ୍ଲାର ସମସ୍ତ ଚାଷ ଜମି କୁ ଜଳସେଚନ, ବନ୍ୟା ଓ ମରୁଡି ର ସ୍ଥାୟୀ ପ୍ରତିକାର ଓ କୃଷି ଋଣ ଛାଡ ଦାବିରେ ଆଗାମୀ ଦିନରେ ତୀବ୍ର ଲଢେଇ ହେବା ପାଇଁ ପ୍ରସ୍ତାବ ମାନ ପାରିତ ହୋଇଯାଇଛି । ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୋଟ ୯୨ ଜଣ ଚାଷୀ ପ୍ରତିନିଧି ମାନଙ୍କ ମଧ୍ୟରୁ ୨୫ ଜଣ ପ୍ରତିନିଧି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ଏକ ନୂତନ ୧୭ ଜଣିଆ ଜିଲ୍ଲା କମିଟି ସର୍ବସମ୍ମତିକ୍ରମେ ନିର୍ବାଚିତ କରାଗଲା । ଜିଲ୍ଲା ସଭାପତି ଭାବେ ଚାଷୀ ନେତା ଚନ୍ଦ୍ରଶେଖର ନାୟକ ଓ ଜିଲ୍ଲା ସଂପାଦକ ଭାବେ ପ୍ରଫେସର ପ୍ରଭାସ ମହାପାତ୍ର ନିର୍ବାଚିତ ହୋଇଥିଲେ । ଏହି ଉଦଯାପନୀ ଉତ୍ସବରେ ଓଡିଶା କୃଷକ ସଭା ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାୟ, ରାଜ୍ୟ ଉପସଭାପତି ସିତାଂଶୁ ସେନାପତି, ଅନ୍ୟତମ ଉପସଭାପତି ଶ୍ରୀଯୁକ୍ତ ଅଭିରାମ ବେହେରା, ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ ପ୍ରମୁଖ ଉପସ୍ଥିତ ହୋଇ ନବନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ସଂଗଠନ ର ବରିଷ୍ଠ ନେତା କମ୍ରେଡ ନିରଞ୍ଜନ ପାଣି, ଚନ୍ଦ୍ରମଣି ପଣ୍ଡା, ଅଭିରାମ ବଳ, ନାରାୟଣ ଦାଶ, ଦାମୋଦର ସାହୁ ଓ ନାରାୟଣ ଲେଙ୍କା ଙ୍କୁ ସମ୍ମିଳନୀ କକ୍ଷରେ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମିଳନୀର ସଫଳତା କାମନା କରି ଭାତୃପ୍ରତିମ ସଂଗଠନ ସିଆଇଟିୟୁ ପକ୍ଷରୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଓଡିଶା କ୍ଷେତମଜଦୂର ୟୁନିୟନ ପକ୍ଷରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ରାଜ୍ୟ ସଂପାଦିକା ସୁରଜିତା ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଚାଷୀ ନେତା ସତ୍ୟମୂର୍ତ୍ତି ବେହେରା, ରମେଶ ସାହୁ, ପ୍ରତାପ ଦାସ, ବିପ୍ଳବ ଯେନା, ଜୟନୂଲ ଆବେଦିନ ପ୍ରମୁଖ ଆଲୋଚନା କରିଥିଲେ । ଜମି, ଖାଦ୍ୟ ଓ କାମର ଅଧିକାର ର ସୁରକ୍ଷା ଓ କୃଷକ ମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଭଦ୍ରକ ଜିଲ୍ଲାରେ ସଂଗଠନର ପତାକା ତଳେ ହଜାର ହଜାର କୃଷକ ଏକଜୁଟ ହୋଇ ଲଢେଇ କରିବାକୁ ସମ୍ମିଳନୀରେ ଆହ୍ୱାନ ଦିଆଯାଇଥିଲା । ଆସନ୍ତା ଅକ୍ଟୋବର ୨୬, ୨୭ ଓ ୨୮ ତିନିଦିନ ଧରି ନୟାଗଡ ଜିଲ୍ଲା ରଣପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା କୃଷକ ସଭା ର ରାଜ୍ୟ ସମ୍ମିଳନୀ କୁ ସଫଳ କରିବା ପାଇଁ ଜିଲ୍ଲାରୁ ୭ ଜଣ କୃଷକ ପ୍ରତିନିଧି ନିର୍ବାଚିତ ହୋଇଥିଲେ ଓ ଶହ ଶହ ସଂଖ୍ୟାରେ ଏହି ରାଜ୍ୟସ୍ତରୀୟ କୃଷକ ସମାବେଶରେ ଭଦ୍ରକ ଜିଲ୍ଲାର କୃଷକ ମାନେ ସାମିଲ ହେବାକୁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା ।

# ଇ-ଚାଲାଣ ପ୍ରତ୍ୟାହାର କରିବାର ପଦ୍ଧତି ଯାଞ୍ଚ ପାଇଁ ଆଜି ବସିବ ବୈଠକ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ବିଭିନ୍ନ କୋର୍ଟରେ ବିଚାରାଧୀନ ଥିବା ଇ-ଚାଲାଣ ପ୍ରତ୍ୟାହାର କରିବାର ପଦ୍ଧତି ଯାଞ୍ଚ ଏବଂ ସରକାରଙ୍କୁ ସୁପାରିଶ କରିବା ପାଇଁ ଆଇନ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ । ୨୪ ତାରିଖ ଅପରାହ୍ନ ୩ ଟାରେ ଲୋକସେବା ଭବନରେ ବୈଠକ ବସିବା ନେଇ ସୂଚନା ମିଳିଛି । ବହୁ ସଂଖ୍ୟକ ଇ-ଚାଲାଣ ଯାହା ନିର୍ଦ୍ଧାରିତ ସମୟ ମଧ୍ୟରେ ଆରଟିଓ ଏବଂ ପୋଲିସ କର୍ତ୍ତୃପକ୍ଷଙ୍କ ସ୍ତରରେ ଫଇସଲା କରାଯାଇପାରିଲା ନାହିଁ, ସେଗୁଡ଼ିକୁ କୋର୍ଟକୁ ପଠାଯାଇଛି।

# ଆମ୍ବଗଡ଼ିଆ ପଞ୍ଚାୟତର ଆମ୍ବଗଡିଆ ଗ୍ରାମ ମୁଖ୍ୟ ରାସ୍ତା ଶୋଚନୀୟ



ବୈଶିଙ୍ଗା , ୨୩/୧୦ (ନି.ପ୍ର): କେନ୍ଦ୍ର ବା ରାଜ୍ୟ ସରକାର ଜନସାଧାରଣଙ୍କୁ କିଭଳି ମୌଳିକ ସୁବିଧାରୁ ବଂଚିତ କରୁଛନ୍ତି ତାର ଉଦାହରଣ ସ୍ୱରୁପ ପ୍ରତି ଗ୍ରାମ ରେ ରାସ୍ତା, ପାଣି ଓ ଶିକ୍ଷାର ବ୍ୟବସ୍ଥା ଉପରେ ଅବଲୋକନ କରିଲେ ପ୍ରକୃତ ତଥ୍ୟ ଜଣାପଡିବ । 'ଗାଁ ପରିମଳ ଧୋବା ତୁଠରୁ' ଥିବା ଉକ୍ତି ପ୍ରକୃତ ଯଥାର୍ଥ । କାରଣ ଏହି ତିନୋଟି ବ୍ୟବସ୍ଥା ପ୍ରତି ସରକାର ଗୁରୁତ୍ୱ ଦେଲେ ଯାଇ ଗାଁ ବିକଶିତ ହୋଇପାରିବ । ରାଜ୍ୟ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଟି ର ସଫଳ ରୂପାୟନ ପାଇଁ ବର୍ତ୍ତମାନ ପଞ୍ଚାୟତ ରାଜ ବ୍ୟବସ୍ଥାର ଜନ ପ୍ରତିନିଧି ଙ୍କ ହାତରୁ କ୍ଷମତା କାଢି ନେଇ ବିଡିଓ ଙ୍କ ଉପରେ ନ୍ୟସ୍ତ କରା ଯିବା ଯୋଗୁଁ ଅସନ୍ତୋଷ ବଢି ଚାଲିଛି । ଗୋଟିଏ ଗାଁ ଭିତରକୁ ଯିବା ପାଇଁ ମୁଖ୍ୟ ରାସ୍ତା ଯଦି ଖରାପ ହୋଇଥାଏ ତେବେ ଲୋକଙ୍କ ଯାତାୟତ କିପରି କଷ୍ଟଦାୟକ ତାହା ନିଜ ଅଞ୍ଚଳର ବିଧାୟକଙ୍କ ଦାୟିତ୍ୱ ରହିବା କଥା । କିନ୍ତୁ ତାହା ହେଉନାହିଁ, ଆମ୍ବଗଡ଼ିଆ ଗ୍ରାମ ର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବିଧାୟକ ଙ୍କୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସେହିଭଳି ରଘୁପୁର ପଞ୍ଚାୟତର ଦିଗାନଗର ଗ୍ରାମ୍ୟ ରାସ୍ତା ରେ ଆଣ୍ଠୁଏ କାଦ ପଚ ପଚ ରାସ୍ତାରେ ଲୋକମାନେ ଯାଉଥିବା ବେଳେ ବାରମ୍ବାର ବିଧାୟକ,ବିଡିଓ ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା କାମ ହୋଇ ପାରିଲା ନାହିଁ ।ଏଥିପାଇଁ ନିକଟରେ ବିଧାୟକ ଖୁଣ୍ଟାପୁର ଆର ଆଇ କାର୍ଯ୍ୟାଳୟର ନୂତନ ଗୃହର ଶିଳାନ୍ୟାସ କରିବା ପାଇଁ ଆସିଥିବା ବେଳେ ଦିଗାନଗର ଗ୍ରାମବାସୀ ଅଭିଯୋଗ କରିବାକୁ ଆସୁଥିବା ଦେଖି ତରତରରେ ବିଧାୟକ ଚମ୍ପଟ ମାରିଥିଲେ ।ଏହା ଦ୍ୱାରା ଗାଁ କିପରି ବିକଶିତ ହୋଇ ପାରିବ ତାହା ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି ।

# ଚଳଚିତ୍ର ଶମ୍ଭୁର ଅଡିଓ ରିଲିଜ୍

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ୨୨ ଅକ୍ଟୋବର ସନ୍ଧ୍ୟା ରେ ଇମେଜ୍ କ୍ୟାମ୍ପସ ରେ ଓଡିଆ ସିନେମା ଶମ୍ଭୁ ର ଅଡିଓ ଏବଂ ଟ୍ରେଲର ରିଲିଜ୍ ହୋଇଯାଇଚି। ଏଥିରେ ନିର୍ଦ୍ଦେଷକ ଦିଲିପ୍ ପଣ୍ଡା, ପ୍ରଯୋଜକ ବିଭୂତି ଭଷଣ ଜେନା, ସହ ପ୍ରଯୋଜକ ଅଭିଷେକ୍ ଜେନା, ସଂଳାପକାର ଡଃ ରଜନୀ ରଞ୍ଜନ, ସଂଗୀତ ନିର୍ଦ୍ଦେଷକ ଦୀପକକୁମାର ଏବଂ ଶୁଭମ୍ ,ହରିହର ମହାପାତ୍ର, ଡିସ୍କୋ ରେଡ୍ଡି, ସୁଧାକର ବସନ୍ତ, ଜୀବନ ପଣ୍ଡା ଆଦି କଳାକାର ମାନେ ଉପସ୍ଥିତ ଥିଲେ। ଏହି



ସିନେମାରେ ଶୁଭମଂକ ସହ ତମନ୍ନା ବ୍ୟାସ ଏବଂ ଯାତ୍ରା ଜଗତର ସୁପର୍ ଷ୍ଟାର ପିୟୂଷ ତ୍ରିପାଠି ବି ନଜର ଆସିବେ । ସିନେମାର ବିତରକ ଦାଇତ୍ୱରେ ପ୍ରକାଶ ଫିଲ୍ମ ଥିଲା ବେଳେ ଏହାର ମ୍ୟୁଜିକ୍ ରାଇଟସ୍ ଆମର ମ୍ୟଜିକ୍ ନେଇଛି। ରିଲ୍ସ ଏନ ରିଲ୍ସ କମ୍ପାନି ଏହାର ପ୍ରସାର ଏବଂ ପ୍ରଚାର ଦାଇତ୍ୱ ନେଇଛି । ସିନେମାଟି ଅକ୍ଟୋବର ୩୧ ତାରିଖରେ ପ୍ରକ୍ଷାଳୟ ରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ତରଫ ରୁ କୁହାଯାଇଛି ।

# କଂଗ୍ରେସ ଦଳର ମିଶ୍ରଣ ପର୍ବ



ବାଲିଆପାଳ , ୨୩/୧୦ (ନି.ପ୍ର): ବାଲିଆପାଳ ବ୍ଲକ ରେ କଂଗ୍ରେସ ଦଳର ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବସ୍ତା ନିର୍ବାଚନ ମଣ୍ଡଳୀ ର ବରିଷ୍ଠ କଂଗ୍ରେସ ନେତା, ତଥା ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ ଏବଂ ବଡାସ ପଂଚାୟତ ର ସରପଞ୍ଚ ଜଗନ୍ନାଥ ବିଶ୍ୱାଳ ଙ୍କ ନେତୃତ୍ୱରେ ବିଜେପି ଦଳର ବହୁ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଥିଲେ । ଜୟନ୍ତୀ ମଲ୍ଲିକ , ଅନ୍ନପୂର୍ଣ୍ଣା ବେହେରା, ରଖାଲ ଚନ୍ଦ୍ର ବେହେରାଙ୍କ ସମେତ ବହୁ ପରିବାର କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳୀୟ ଟୋପୀ ଏବଂ ଉତ୍ତରୀୟ ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା । ଏହି ମିଶ୍ରଣ ପର୍ବରେ ବରିଷ୍ଠ କଂଗ୍ରେସ ନେତା ନରହରି ଜେନା,ବଡାସ ପଂଚାୟତ ର ସମିତି ସଦସ୍ୟ ଲିପିକା ପାତ୍ର ଏବଂ ଅନ୍ୟାନ୍ୟ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଏକଲ ଅଭିଯାନ ଆଚାର୍ଯ୍ୟ/ଆଚାର୍ଯ୍ୟା ଅଭ୍ୟାସ ବର୍ଗର ଉଦ୍‌ଘାଟନ ଉତ୍ସବ

ଉଦଳା, ୨୩/୧୦ (ନି.ପ୍ର): ଏକଲ ଅଭିଯାନ ବାରିପଦା ଅଂଚଳ ପୂର୍ବ ଭାଗରେ ଥିବା ଉଦଳା, ଖଇରା, ମିତ୍ରପୁର ଓ ନିଳଗିରି ସଂଚରେ କାର୍ଯ୍ୟରତ ଆଚାର୍ଯ୍ୟ/ଆଚାର୍ଯ୍ୟା ମାନଙ୍କର ଅଭ୍ୟାସବର୍ଗ ଉଦଳା ଠାରେ ଆଜି ଅକ୍ଟୋବର ୨୩ ତାରିଖ ଗୁରୁବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ଉଦଳା ଏନ.ଏ.ସି. କଲ୍ୟାଣ ମଣ୍ଡପ ପରିସରରେ ଚାଲିଥିବା ଏହି ବର୍ଗ ଆସନ୍ତା ୨୭ ତାରିଖ ସୋମବାର ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଉଦଳା ବିଜ୍ଞାପିତ ଅଂଚଳ




ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉକ୍ତ ବର୍ଗରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହିତ ଅଖଣ୍ଡ ଭାରତର ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ ଏକଲ ଅଭିଯାନ ଚଳାଇଥିବା ଉଦ୍ୟମରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ସଂଚ ସଭାପତି ରାଜେନ୍ଦ୍ର ବେହେରା, ଗତିବିଧି ପ୍ରଭାରୀ ସୁଶାନ୍ତ ବାରିକ, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ବିନ୍ଧାଣୀ, ସମ୍ଭାଗ ସଦସ୍ୟ ସୁକେଶ ବେହେରା, ମହିଳା ସମିତି ଅର୍ପିତା ମହାନ୍ତି ଓ ସୁକୁମାରି ମୁର୍ମୁ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଅଭିଯାନର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅଭିଯାନ ପ୍ରମୁଖ ଗୌରଚନ୍ଦ୍ର ଜେନା ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ସୁବ୍ରତ ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବେଣୁଧର କଂଟାବାଉଁଶିଆ, ରିତାଜଂଳି ପ୍ରଧାନ, ଦେବସ୍ମିତା ବାରିକ ଓ ସଂଗୀତା ମହାପାତ୍ର ପ୍ରମୁଖ ଉଦ୍‌ଘାଟନ ଉତ୍ସବ ପରିଚାଳନାର ନେତୃତ୍ୱ ନେଇଥିଲେ ।

# ଅକ୍ଟୋବର ୨୪ରେ ବିହାର ଗସ୍ତରେ ଯିବେ ଶିବରାଜ ଚୌହ୍ୱାନ

ନୂଆଦିଲ୍ଲୀ, ୨୩/୧୦ : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ୨୪ ଅକ୍ଟୋବରରେ ବିହାର ଗସ୍ତରେ ରହିବେ। ଶୁକ୍ରବାର ସେ ବିହାରର ଦୁଇଟି ବିଧାନସଭା ଆସନରେ ବିଜେପି ପ୍ରାର୍ଥୀମାନଙ୍କ ସମର୍ଥନରେ ଜନସଭା କରିବେ। ଶିବରାଜ ସିଂହ ସକାଳ ୧୧:୧୫ରେ ଗୋପାଳଗଞ୍ଜ ଜିଲ୍ଲାର ବୈକୁଣ୍ଠପୁର ଏବଂ ଦ୍ୱିପ୍ରହର ୧:୨୦ରେ ଦରଭଙ୍ଗା ଜିଲ୍ଲାର ଗୌରାବୌରାମ ବିଧାନସଭା କ୍ଷେତ୍ରରେ ଜନସଭାକୁ ସମ୍ବୋଧନ କରିବେ।

# କଂଗ୍ରେସ ଜିଲ୍ଲାସଭାପତିଙ୍କ ନୀଳଗିରି ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

ନୀଳଗିରି, ୨୩/୧୦ (ନି.ପ୍ର): ଜିଲ୍ଲା କଂଗ୍ରେସର ନୂତନସଭାପତି ସତ୍ୟଶିବ ଦାସଙ୍କ ଆଗାମୀ ନୀଳଗିରି ଗସ୍ତକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଯୁବନେତା ତପନ କୁମାର ରାଉତଙ୍କ ଆବାହକତ୍ୱରେ ବୁଧବାର ଅପରାହ୍ନ ୪ଘଟିକା ସମୟରେ ନୀଳଗିରି କଂଗ୍ରେସଭବନ ପରିସରରେ ଅନୁଷ୍ଠିତ ବୈଠକରେ ବରିଷ୍ଠକଂଗ୍ରେସ ନେତା ଅଶ୍ୱିନୀ କୁମାର ଦାସ ସଭାପତିତ୍ୱ କରିଥିଲେ। ଆଗାମୀ ୨୮ ତାରିଖରେ ସ୍ୱାଗତ ଉତ୍ସବ କରାଯିବାକୁ ନିଷ୍ପତ୍ତି ହୋଇଥିଲେ ହେଁ ଏକ ୩ଜଣିଆ କମିଟି ଗଠନକରାଯାଇ,ନୂତନ ସଭାପତି ସତ୍ୟଶିବ ଦାସଙ୍କ ମତାମତ ଆଣିବା ପରେ ,



ଚୁଡାନ୍ତ ନିଷ୍ପତି ନିଆଯିବବୋଲି ଆଲୋଚନା ରେ ସ୍ଥିର କରାଯାଇ ଅଛି। ଅନ୍ୟ ପକ୍ଷରେ, ନୀଳଗିରି, ଔପଦା,ବାହାନଗା ବ୍ଲକର ୪୧ ଟି ପଞ୍ଚାୟତ ରୁ ନେତୃସ୍ଥାନୀୟ ୫ ଜଣ କରି ସ୍ୱାଗତ ଉତ୍ସବକୁ ଆସିବା ପାଇଁ ନିଷ୍ପତି ନିଆ ଯାଇଛି। ଉକ୍ତ ବୈଠକରେ, ଅନ୍ୟ ମାନଙ୍କ ମଧ୍ୟରେ, ଯୁବ ନେତା ତପନ ରାଉତ, ଯୋଗେଶ୍ୱର ବେହେରା, ଯଶୋଦା ନନ୍ଦନ ସିଂହ, ଉପେନ୍ଦ୍ର ବେହେରା, ଅଶ୍ୱିନୀ କୁମାର ପାତ୍ର, ସୁରେନ୍ଦ୍ର ଦାସ, ରତିକାନ୍ତ ବେହେରା, ରାମକୃଷ୍ଣ ଜେନା, ଉମେଶ ଧଳ, କମଳାକାନ୍ତ ବାରିକ, ପତିତ ପାବନ ଦାସ, କାର୍ତ୍ତିକ ବ୍ରହ୍ମା, ଗଣେଶ୍ୱର ପଣ୍ଡା, ବିଜୟ ଗିରି, ନୟନ ଦାସ, ପ୍ରକାଶ ଚୌଧୁରୀ, ପାଗୁଲୁ ମିଶ୍ର ଓ ନାରୀ ନେତ୍ରୀ ବାସନ୍ତୀ ସିଂ ପ୍ରମୁଖ ବହୁ ନେତା ଓ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

# ଜୀ ସାର୍ଥକରେ ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି ଓଡିଆ ବ୍ଲକବଷ୍ଟର ଫିଲ୍ମ 'ଅନନ୍ତା' - ୨୬ ଅକ୍ଟୋବର ସନ୍ଧ୍ୟା ୬.୩୦ରେ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ପର୍ବ ପର୍ବାଣୀରେ ଜୀ ସାର୍ଥକର ସମସ୍ତ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ସୁପରହିଟ ଫିଲ୍ମ ସବୁ ଓଡିଆ ଦର୍ଶକଙ୍କ ମନ ଜିତିବାରେ ସବୁବେଳେ ସଫଳ ହୋଇଛି । ଓଡ଼ିଶାର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ଭାବରେ ପରିଚିତ ଜୀ ସାର୍ଥକରେ ଆସନ୍ତା ୨୬ ଅକ୍ଟୋବର ସନ୍ଧ୍ୟା ୬.୩୦ରେ ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି ଓଡିଆ ବ୍ଲକବଷ୍ଟର ଫିଲ୍ମ 'ଅନନ୍ତା' । ଏଥି ପୂର୍ବରୁ ଜୀସାର୍ଥକର ଏକାଧିକ ଫିଲ୍ମକୁ ଦର୍ଶକ ଦେଇଛନ୍ତି ଭଲ ପାଇବା। ତେଣୁ ଓଡ଼ିଶାର ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ଏହି ଫିଲ୍ମ ଜୀ ସାର୍ଥକରେ ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିବ ବୋଲି ଫିଲ୍ମର ଟିମ୍ କହିଛି । ବ୍ୟାସକବି ଫକୀର




ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରାଣ୍ଡୀ ପୁଅ ଅନନ୍ତା' ଅବଲମ୍ବନରେ ତିଆରି ଏହି ଫିଲ୍ମ 'ଅନନ୍ତା'ର ମୌଳିକ କାହଣୀଟି ଗତ ରଜ ସମୟରେ ଦର୍ଶକଙ୍କୁ ହଲକୁ ଟାଣିଥିଲା କାରଣ କାହାଣୀରେ ଥିଲା ମାଆ-ପୁଅର ଏକ ଅଦ୍ଭୁତ ଆତ୍ମୀୟତା କ୍ଷ ଅନେକ ଦର୍ଶକ ଏହି ଚଳଚିତ୍ର 'ଅନନ୍ତା' କୁ ଦେଖି ଭାବୁକ ହୋଇଥିଲେ ଓ କିଛି ଫିଲ୍ମ ହଲରେ ମଧ୍ୟ କାନ୍ଦି ପକାଇଥିଲେ । ତେବେ ଅନନ୍ତା ଚଳଚ୍ଚିତ୍ର ବଡ଼ ପରଦରେ ଅପୂର୍ବ ସଫଳତା ପରେ ପ୍ରଥମଥର ଫିଲ୍ମର ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି କେବଳ ଜୀ ସାର୍ଥକରେ ଆସନ୍ତା ୨୬ ଅକ୍ଟୋବର (ରବିବାର) ସନ୍ଧ୍ୟା ୬.୩୦ରେ । ଏହି ଫିଲ୍ମରେ ସବ୍ୟସାଚୀଙ୍କ ବିପକ୍ଷରେ ସୂର୍ଯ୍ୟମୟୀ ମହାପାତ୍ର ନଜର ଆସିଥିଲେ । ଏହି ଫିଲ୍ମ ସହ ପ୍ରଥମ ଥର ପାଇଁ ଏହି ଯୋଡ଼ିକୁ ମିଳିଥିଲା ଦର୍ଶକଙ୍କ ଜବରଦସ୍ତ ଭଲପାଇବା । ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ ପଣ୍ଡା, ପୃଥ୍ୱୀରାଜ ନାୟକ ଓ ତାପସ ସରଘରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଥିଲେ । ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସବ୍ୟସାଚୀ ମହାପାତ୍ର ଓ କୁମାର ସି.ଦେବ ମହାପାତ୍ର । ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ଚିନ୍ତାଧାରାକୁ ସବୁବେଳେ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହିତ ଫିଲ୍ମ ସବୁ ଆଣିଥାଏ । ସେହିପରି ଏକ ଫିଲ୍ମ ହେଉଛି 'ଅନନ୍ତା'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ - ମୌଳିକ କାହାଣୀ ଏବଂ ଗାଁର ନିଛକ ଛବି ଏଥିରେ ପ୍ରତିଫଳିତ ହୋଇଥିବା ବେଳେ ଛୋଟରୁ ବଡ଼ ଦର୍ଶକ ଫିଲ୍ମକୁ ବେଶ ପସନ୍ଦ କରିବେ । ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବା ସହ ଓଡିଆ ସାହିତ୍ୟକୁ ଆହୁରି ଆଗକୁ ନେବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida